

# ପୁଷ୍ପାଞ୍ଜଳି

ମହାବିଦ୍ୟାଳୟ ମୁଖପତ୍ର

## ବି.ବି. କଲେଜ, ବାଇଗଣବାଡ଼ିଆ, ମୟୁରଭଞ୍ଜ

# ଶ୍ରଦ୍ଧାଞ୍ଜଳି

**୨୦୨୨-୨୦୨୩**

ଅସତୋମା ସଦ ଗମୟ

ତମସୋମା ଜ୍ୟୋତିର୍ଗମୟ

ମୃତ୍ୟୁର୍ମା ଅମୃତମ୍ ଗମୟ

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

## ବି·ବି· କଲେଜ

## ବାଇଗଣବାଡ଼ିଆ, ମୟୂରଭଞ୍ଜ

**ପ୍ରକାଶକ**
ଶ୍ରୀ ପ୍ରଦୀପ କୁମାର ପଇରା, ଅଧ୍ୟକ୍ଷ

**ସମ୍ପାଦନା**
ଅଧ୍ୟାପିକା ସଂଘମିତ୍ରା ନାୟକ, ମୁଖ୍ୟା, ଓଡ଼ିଆ ବିଭାଗ
ଅଧ୍ୟାପିକା ମଞ୍ଜୁଲତା ଦାଶ, ମୁଖ୍ୟା, ସଂସ୍କୃତ ବିଭାଗ
ଅଧ୍ୟାପକ ଅଭିମନ୍ୟୁ ମହାନ୍ତି, ମୁଖ୍ୟ, ଇଂରାଜୀ ବିଭାଗ
ଅଧ୍ୟାପକ ନଟବର ଗିରି, ଇଂରାଜୀ ବିଭାଗ
ଅଧ୍ୟାପିକା ଉଷଶୀ ମିଶ୍ର, ଓଡ଼ିଆ ବିଭାଗ

**ଡିଟିପି/ମୁଦ୍ରଣ/ପ୍ରଚ୍ଛଦ**
ହାଇଟେକ୍ ହାଉସ୍,
ସତ୍ୟସାଇ ଛକ, ବାରିପଦା


Our Principal
Sj. Pradeep Kumar Paira

# ଆମ ସୃଷ୍ଟି ଓ ସ୍ରଷ୍ଟା


| | | | |
|---|---|---|---|
| ୧. | ଦେବକୁଣ୍ଡ | ସୁଜାତା ସାହୁ | ୧ |
| ୨. | ଆମ ମୟୂରଭଞ୍ଜ | ପ୍ରଭାତ ବେହେରା | ୧ |
| ୩. | ଭଙ୍ଗା ଲଣ୍ଠନ | ଶୁଭମ୍ ଆଚାର୍ଯ୍ୟ | ୨ |
| ୪. | ମୋବାଇଲ | ଦୁର୍ଗା ଚରଣ ବେଶ୍ରା | ୨ |
| ୫. | ବିଲୁଆ ମାରିଲା ମଜା | ସୁନନ୍ଦା ପଟ୍ଟନାୟକ | ୩ |
| ୬. | ସନ୍ଧ୍ୟା ତାରକା | ସତ୍ୟବାନ ମାଝୀ | ୩ |
| ୭. | ଏଇ ତ ସମାଜ | ଅନିତା ସେନାପତି | ୪ |
| ୮. | ତିତିଲର କଣ୍ଢେଇ | ସପ୍ନାରାଣୀ କଲିଆ | ୪ |
| ୯. | ପ୍ରେମ | ମାତୃ ପ୍ରସାଦ ଧଳ | ୫ |
| ୧୦. | ଜୟ କପି ଦେବୀ | ସ୍ନେହେଶ୍ୱର ବାରିକ | ୫ |
| ୧୧. | ମିସ୍‌କଲ୍ | ସିଦ୍ଧାର୍ଥ ବେହେରା | ୫ |
| ୧୨. | ମୋ ମାଆ | କମଳିନୀ ନାଥ | ୬ |
| ୧୩. | ଝିଅ ଜନମ | ରଜନୀ ହେମ୍ବ୍ରମ | ୬ |
| ୧୪. | ଶ୍ରଦ୍ଧା-ସବୁରୀ | ଦୁର୍ଗା ଚରଣ ବେଶ୍ରା | ୭ |
| ୧୫. | ତୁମକୁ | ଅନ୍‌ମୋଲ ଯଶୀ | ୭ |
| ୧୬. | ତୁମକୁ ଦେଖିଲା ପରେ | ଖଗେଶ୍ୱର ସାହୁ | ୮ |
| ୧୭. | କାଗଜରେ ଲେଖୁଛି | ରଞ୍ଜିତା ନାଥ | ୮ |
| ୧୮. | ମାଆ | ଶୁଭସ୍ମିତା ରଣା | ୯ |
| ୧୯. | ପୁଅ | ମିଲୁ ରଣା | ୯ |
| ୨୦. | ଆମ ମିତାଲିର ଯଦି ଥାଆନ୍ତା ଡେଣା | ଅନୁତୃପ୍ତି ମହାନ୍ତି | ୧୦ |
| ୨୧. | ସ୍ନେହ | ସତ୍ୟବାନ ପାତ୍ର | ୧୦ |
| ୨୨. | ଆମ ସ୍ୱାଧୀନ ଭାରତ | ସୁଦିପ୍ତା ବାସୁରୀ | ୧୧ |

| | | | |
|---|---|---|---|
| ୨୩. | ଏକା ଏକା | ରୂପାଲି ବେଶ୍ରା | ୧୨ |
| ୨୪. | ଖୁସି ରହିବାର ଚିନ୍ତନ | ଅନୁତୃପ୍ତି ମହାନ୍ତି | ୧୨ |
| ୨୫. | ଶୀତ | ଗାୟତ୍ରୀ ନାଥ | ୧୩ |
| ୨୬. | ଶ୍ରୀହରି | ଅଜୟ କୁମାର ନାଏକ | ୧୩ |
| ୨୭. | ସନ୍ଧ୍ୟା ତାରକା | ସତ୍ୟବାନ ମାଝୀ | ୧୪ |
| ୨୮. | ଜୀବନର ଲକ୍ଷ୍ୟ | ଏଲିଶା ରଣା | ୧୪ |
| ୨୯. | ଚନ୍ଦନ ଗଛ | ପ୍ରିୟବ୍ରତ ପରିଡା | ୧୫ |
| ୩୦. | ପ୍ରଶ୍ନବାଚୀ | ଅଧ୍ୟାପିକା ସଂଯୁକ୍ତା ମହାନ୍ତି | ୧୫ |
| | | **HINDI** | |
| ୩୧. | नववर्ष वन्दना | देबस्मिता बसा | ୧୬ |
| ୩୨. | स्वच्छ विचार | देबस्मिता बसा | ୧୭ |
| | | **ODIA PROSE** | |
| ୩୩. | ସତ୍ୟ ରକ୍ଷା ପରମ ଧର୍ମ | କୁମାରୀ ସ୍ନେହଲତା ପରିଡା | ୧୮ |
| ୩୪. | ତୋରଣ ଓ ସୁନା ଫୁଲ | କୁମାରୀ ସୌଭାଗ୍ୟ ବେହେରା | ୨୧ |
| ୩୫. | ମଣିଷ କ୍ଲୋନିଂ | ଅନୁତୃପ୍ତୀ ମହାନ୍ତି | ୨୩ |
| ୩୬. | ଜନ୍ମଦିନ | କାହ୍ନୁପ୍ରିୟା ସାହୁ | ୨୪ |
| ୩୭. | ହସ କଥା | | ୨୪ |
| ୩୭. | ବହିର ଶେଷ ପୃଷ୍ଠା | ଗାୟତ୍ରୀ ନାଥ | ୨୫ |
| ୩୮. | ହସ କଥା | | ୨୫ |
| ୩୯. | ବୁଢ଼ାକାଉର କଥା ମାନିଲେ | ରଞ୍ଜନା ନାଏକ | ୨୬ |
| ୪୦. | ନାରୀ ନିର୍ଯ୍ୟାତନା | ବର୍ଷା ପାତ୍ର | ୨୭ |
| ୪୧. | ମିସ୍ କଲ ପ୍ରିୟା | ନିରଞ୍ଜନ ମହାନ୍ତ | ୨୮ |
| ୪୨. | ଶିକ୍ଷାର ମହତ୍ତ୍ୱ | ଅମିତା ସାହୁ | ୨୯ |
| ୪୩. | ବୁଦ୍ଧିଆ ଚୋର ମନ୍ତ୍ରୀ ହେଲା | ଶୋଭାବତୀ ପରିଡା | ୩୦ |
| ୪୪. | ପ୍ରେମ ନୁହେଁ ଏ ମାୟା ଜାଲ | ବିଶିକେସନ ପଣ୍ଡା | ୩୧ |

| | | | |
|---|---|---|---|
| ୪୫. | ଭୁଲିବାକୁ କଷ୍ଟ ହେଉଛି | ମଧୁସୂଦନ ସୋରେନ୍ | ୩୩ |
| ୪୬. | ଭାଇ ଭଉଣୀଙ୍କର ସ୍ନେହ | ରାଇମଣି ମାର୍ଣ୍ଡି | ୩୪ |
| ୪୭. | ଜିଦି କରିବାର ଫଳ | ଲକ୍ଷ୍ମୀମଣି ନାଏକ | ୩୫ |
| ୪୮. | ଶେଷ ଚିଠି | ବିରାମ ମୁର୍ମୁ | ୩୬ |
| ୪୯. | ଅବ୍ୟକ୍ତ | ରତୁରଂଜନ ପରିଡା | ୩୮ |
| ୫୦. | ଜାତୀୟ ସେବା ଯୋଜନା ଏକ ... | ଅଳକା ମଞ୍ଜରୀ ଭୂୟାଁ | ୪୦ |
| ୫୧. | ଏକ ନିଆରା ଅନୁଭୂତି | ରାଜାରାମ ବିଶ୍ୱଜିତ ପଣ୍ଡିତ | ୪୨ |
| ୫୨. | ଆଧୁନିକ ଓଡ଼ିଆ କାବ୍ୟ କବିତାରେ ... | ଅଧ୍ୟାପିକା ସଂଘମିତ୍ରା ନାଏକ | ୪୩ |
| ୫୩. | ଭଲ ପାଇବାର ପ୍ରତିଦାନ | ସୁଶାନ୍ତ ମହାକୁଡ | ୪୬ |


OLCHIKI


| | | | |
|---|---|---|---|
| ୫୪. | କଲେଜ୍ କଲା | ଶ୍ରୀ ବିରାମ ମୁର୍ମୁ | ୪୭ |


ENGLISH


| | | | |
|---|---|---|---|
| 1. | HADAGARH WILD LIFE . . . | Dr. Annapurna Dhal | 49 |
| 2. | YOGA | Chandana Parida | 53 |
| 3. | SEX EDUCATION | Suvendu Basuri | 54 |
| 4. | SWEET POISON BROKEN ... | Jiban Bindhani | 56 |
| 5. | CUTE LOVE STORY | Keshab Chandra Behera | 57 |
| 6. | MY MOTHER | Soumya R. Das Mohapatra | 58 |
| 7. | MY COLLEGE AND I | Braja Kishore Mahakud | 58 |
| 8. | WHAT IS LIFE | Binod Khandelwalla | 58 |
| 9. | MOBILE BOOM | Anita Senapati | 59 |
| 10. | SIX PETALS | | 59 |
| 11. | WHEN I WAS A BOY | Bikram Mishra | 60 |
| 12. | MY LOST LOVE | Raghunath Hansdah | 60 |



# ସଂପାଦକୀୟ

ବାଟରେ ଚାଲୁ ଚାଲୁ ଅନେକ ଆଶା ମନ ଭିତରେ ଉଙ୍କିମାରେ, ସେଇ ଆଶା ଅନେକ ବାଟ ଟାଣିନିଏ ପଥିକକୁ । ଶୈଶବର କୋମଳତା ରୂପାନ୍ତରିତ ହୁଏ ଯୌବନରେ, ଯୌବନ ମୁଖ୍ୟ ଅତିଥି ପରି ନିଜ ସ୍ଥାନ ସଂରକ୍ଷଣରେ ଲାଗିଯାଏ, କିଛି ଜାଣିବାକୁ ଆଗ୍ରହ ହୁଏ, ଜାଣି ଗଲେ ତାକୁ କାମରେ ଲଗାଇବାକୁ ଇଚ୍ଛା ହୁଏ । ହାତର ତରବରିଆ କାମ ପୁଣି ଏକ ବିରାଟ ଦୃମ ଭାବରେ ଏଇ ମାଟି ଉପରେ ଛିଡା ହୋଇଯାଏ ।

ଯୌବନର ଚଞ୍ଚଳତା, କର୍ମ ତତ୍ପରତା, ଆବେଗ, ଉତ୍ସାହ – ସବୁକୁ ରଖିଯିବା ପାଇଁ ମନ ଚାହେଁ, ଆଶାର ଆଲୋକରେ ଉଭାସିତ ହୁଏ ମାଟି ଆଉ ଆକାଶ । ଜୀବନ ଯାପନର ଧାରାବାହିକତା ଭିତରେବି ଏ ମଣିଷ ବଞ୍ଚିବାର ମଧୁ ସଂଗ୍ରହ କରେ, ପୁଣି ମହୁମାଛି ପରି ମଧୁକୁ ତା' ଭଣ୍ଡାରରେ ରଖି ଉଡିଯାଏ କାହିଁ କେତେ ଦୂରକୁ, ମଧୁକୁ ପାଇବା ପାଇଁ ଏ ମଣିଷ ଲାଗିଯାଏ ଅତି ବିଶ୍ୱସ୍ତ ଭାବରେ । ମହୁମାଛି ଅନେକ ରଙ୍ଗ ବେରଙ୍ଗର ଫୁଲରୁ ମଧୁ ଆଣି ରଖି ଥାଏ ତା'ର ଭଣ୍ଡାରରେ ଶ୍ରଦ୍ଧାରେ ସାଇତି ଥାଏ ତା'କୁ, ତା'କୁ ପୁଣି ଅଞ୍ଜଳି ଭରି ଅନ୍ୟ ନିକଟରେ ତୋଳିଧରେ, ଫୁଲର କଣ୍ଟା ତା'କୁ ଆଘାତ ଦେଲେ ବି ସେ ରହିଯାଏ ନାହିଁ ତା କାମକୁ ସେ ଠିକ ଭାବରେ ତୁଲାଇଥାଏ, ସେହି କର୍ମତତ୍ପରତାର ଉତ୍ସାହ ଓ ରୂପରେଖ ହେଉଛି ତା'ର ଶ୍ରଦ୍ଧାଞ୍ଜଳି ।

ସୁଖ – ଦୁଖ, ଆଶା–ନିରାଶାର ଏକ ମଧୁର ଝରଣା ହେଉଛି ଶ୍ରଦ୍ଧାଞ୍ଜଳି, ସମାଜ ପାଇଁ ଏକ ଆହ୍ୱାନ ହେଉଛି ଶ୍ରଦ୍ଧାଞ୍ଜଳି, ଏଇଠି ପ୍ରକାଶିତ ହୁଏ ଅନେକ ମନର ଭାବ ଭାବନାକୁ ରୂପାୟିତ କରିବାର ଆଗ୍ରହକୁ ସମ୍ମାନ ଦେଇଥାଏ ଶ୍ରଦ୍ଧାଞ୍ଜଳି, ତାରୁଣ୍ୟ ଏଠି କଥା କହେ । ତାରୁଣ୍ୟ ଏକ ପଲ୍ଲବିତ ପୁଷ୍ପ ପରି ଚତୁର୍ଦିଗକୁ ସୁରଭିତ କରେ ।

'ଶ୍ରଦ୍ଧାଞ୍ଜଳି' ଅନେକଙ୍କ ପଥ-ପ୍ରଦର୍ଶକ ସାଜିଯାଏ । ବିନମ୍ରତାର ସହିତ ସମସ୍ତଙ୍କର ଆଗ୍ରହ ଓ ଉତ୍ସାହକୁ ରୂପ ଦେବା ପାଇଁ ଏଇ ଶ୍ରଦ୍ଧାଞ୍ଜଳି ଯେପରି ମନ୍ତ୍ରମୁଗ୍ଧ ପଥିକଟିଏ

**ସଂପାଦନା ମଣ୍ଡଳୀ**

## ଦେବକୁଣ୍ଡ

**ସୁଜାତା ସାହୁ,** + ୨ ପ୍ରଥମ ବର୍ଷ କଳା

ତୁହି ମା' ଅମ୍ବିକା ଜଗତ କାରିଣୀ
ଉଦ୍ଧାର କାରିଣୀ ଆମ
ତୋ ବିନା କିମାତ ଏବିଶ୍ୱ ଜଗତ
ରହିବନି ଧରା ଧାମ,
ଶିମିଳିପାଳର ନିଘଞ୍ଚ କାନନେ
ଆସ୍ଥାନ ଜମାଇ ତୁହି
ବନଦେବୀ ସାଜି ଉପକାର ତୁହି
ଭକ୍ତ ମନ ନେଇ ମୋହି
ତୋର ସବୁଜିମା ତୋହରି ସୌନ୍ଦର୍ଯ୍ୟ
ମୋହିଛୁ ସବୁର ମନ
ତୋହରି ମମତା ତରୁଲତା ପୁଷ୍ପ
ତୋହରି ପାଣି ପବନ
ତୋର ଶକ୍ତି ପୀଠ ଅତି ବଳୀୟାନ
ଦେବକୁଣ୍ଡ ତା'ର ନାମ
ପ୍ରତ୍ୟକ୍ଷ ଦେବୀ ତୁ ଅମ୍ବିକା ମାଆ ଲୋ
ଅସାଧ୍ୟ ତୋହର କାମ
ଆମରି ପାଇଁ ତୁ ସହିଅଛୁ ମାଲୋ
କେତେ ଯେ ଦୁଃଖ ଯାତନା
ସବୁରି ମୁଖରେ ଫୁଟାଇଛୁ ମାଆ
ହସ, ଖୁସିର ଝରଣା
ତୋର ଦରଶନେ ତୋହରି ଚରଣେ
ଭକ୍ତ ପାଏ ଉପକାର
ଦୂର ଦୂରାନ୍ତରୁ ଆସନ୍ତି ଦର୍ଶକ
ତୋହ ତୀର୍ଥ ପଞ୍ଚସାଗର
ବିପଦ ନାଶିନୀ ଜ୍ଞାନ ପ୍ରଦାୟିନୀ
ତୁହି ଲୋ ଅମ୍ବିକା ମାଆ
ମିନତି ଜଣାଏ ମୋ କୋଟି ପ୍ରଣାମ
ତୋହରି ଚରଣେ ମାଆ ।

## ଆମ ମୟୂରଭଞ୍ଜ

**ପ୍ରଭାତ ବେହେରା,** + ୨ ୨ୟ ବର୍ଷ ବିଜ୍ଞାନ

ମୟୂରଭଞ୍ଜର ମୟୂର ଚନ୍ଦ୍ରିକା
ଦିଶେ କେଡେ ମନୋହର ।
ସେହି ଚନ୍ଦ୍ରିକାରୁ ଜନ୍ମ ନେଇଛନ୍ତି
କେତେ କେତେ କଳାକାର ।।
ମୟୂରଭଞ୍ଜର ପଶ୍ଚିମରେ ଅଛି
ଶିମିଳିପାଳ ପର୍ବତ ।
ବିତତୋଫାନ ଓ ଶୀତ ପ୍ରକୋପରୁ
ରହୁଛୁ ଆମେ ସୁରକ୍ଷିତ ।।
ବୁଢାବଳଙ୍ଗ ପ୍ରାକୃତିକ ଦୃଶ୍ୟ
ମନକୁ ଯେ ନିଏ କିଣି ।
ସେହି ନଈ କୂଳ ଫେରି ଆସିବାକୁ
ଜମା ଇଚ୍ଛା ହୁଏ ନାହିଁ ।।
ଆମ ବି.ବି.କଲେଜର ଫୁଲ ବଗିଚାଟି
ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ।
ସେହି ଫୁଲର ସୁଗନ୍ଧିତ ବାସ
ଚହଟଇ ରାତି ଦିନ ।।
ବାରିପଦା ସ୍ଥିତ ଭଞ୍ଜପୁର ଠାରେ
ମା ଜଗଧାତ୍ରୀ ହୁଅନ୍ତି ବିରାଜ ମାନ ।
ଭକ୍ତି ସହ ତାଙ୍କୁ ପୂଜା କରିଥିଲେ
ପାଇବଟି ତା ଦରଶନ ।
ମୟୂରଭଞ୍ଜର ଆଦିବାସୀମାନେ
ପ୍ରସ୍ତୁତ କରନ୍ତି ହାଣ୍ଡିଆ
ସେଇ ହାଣ୍ଡିଆକୁ ଯେଉଁ ଲୋକ ପିଏ
ହୋଇ ଯାଏ ସତେ ବାୟା ।।
ବାରିପଦାର ଆକାଶ ବାଣୀ
ପ୍ରଚାର କରି ଗୀତି ନାଟ୍ୟ କାହାଣୀ ।
ଶ୍ରୋତା ମାନଙ୍କ ମନକୁ
ପାରିଛି କିଣି ।।
କେହି ଗ୍ରାମରେ ମୋ ଡ଼କେଇଙ୍କ
ଉପାସନା କରେ ଯିଏ
ଯହା ଆଶା ରଖି ଉପାସନା କରେ
ସେ ଆଶା ପୂରଣ ହୁଏ ।।
ମୟୂରଭଞ୍ଜର ସିମିଳାଠାରେ
ଅଛନ୍ତି ବାବା ଜଗତେଶ୍ୱର ।
ତାଙ୍କୁ ପୂଜା ଆରାଧନା କଲେ
ସମସ୍ତ ପାପ ହୋଇ ଯିବ ଦୂର ।।

# ଭଙ୍ଗା ଲଣ୍ଠନ

**ଶୁଭମ୍ ଆଚାର୍ଯ୍ୟ**, *ଯୁକ୍ତ ଦୁଇ ପ୍ରଥମ ବର୍ଷ, ବିଜ୍ଞାନ*

ଗୋଟାଏ ଲଣ୍ଠନ ଧରି ସାରା ପୃଥିବୀ ଖୋଜୁଛି
ଖୋଜି ପାଉନାହିଁ ଭଲ ମଣିଷକୁ
ସବୁ ଆଡେ ଯଦି ଅନ୍ଧାର ହୋଇବ
କିଏ ସମ୍ଭାଳିବ ଏଇ ରାଷ୍ଟ୍ରକୁ ।
ସ୍ୱର୍ଗ ବି ରହିଛି, ପୃଥିବୀ ରହିଛି
ନାହିଁ ମମତାର ମନ୍ଦିର
ଓଁକାର ଶୁଭୁଛି, ଯୀଶୁ ଆଲ୍ଲା ବି ଶୁଭୁଛି
ଝରୁ ନାହିଁ ଭକ୍ତି ମଧୁର
ସବୁଠାରୁ ଶ୍ରେଷ୍ଠ ଗଢିଲେ ବିଧାତା
ସୁଜ୍ଞାନୀ କରିଲେ ମଣିବାକୁ,
ହୃତପିଣ୍ଡ ଅଛି ହୃଦୟ ନାହିଁଟି
ଚିହ୍ନି ପାରୁନାହିଁ ସେ ବ୍ରହ୍ମକୁ ।
ନିଜ ଘର ଢେଙ୍କି ଯଦି କୁମ୍ଭୀର ପାଲଟେ
କାହାକୁ କରିବ ଭରଷା
ବଗିଚାର ଆଡ ଫସଲ ଖାଉଛି
ମୁଣ୍ଡ ଭୂଇଁରେ ପିଟୁଛି ଚଷା ।
ମଣିଷର ରୁଚି ବଦଳି ଯାଇଛି
ସବୁ ବଦଳିଛି ତାର ବିଚାର



ହୃଦୟ ଭିତରେ ମମତା ନାହିଁରେ
ରୁଗଣ ହୋଇଛି ତାର ସଂସ୍କାର ।
ବାରୁଦ ଗଦା ପରି ମଣିଷ ଜଳୁଛି
ମହା ଭୟଙ୍କର ତାର ରୂପ
ପାପ ଶିକୁଳୀରେ ପାଦ ଛନ୍ଦି ଦେଇ
ମିଛରେ କରୁଛି ପ୍ରଳାପ ।
ସାନକୁ ମିଳୁନି ସ୍ନେହ କାଣିଚାଟିଏ
ବଡକୁ ମିଳୁନି ସମ୍ମାନ ।
ଉଦାର ଭଦ୍ରତା ଉଭେଇ ଯାଇଛି
ହତଶ୍ରୀ ହେଉଛି ଗୁରୁଜନ ।
ଏ ଭଙ୍ଗା ଲଣ୍ଠନ ଦିନେ ଲିଭିଯିବ
ଶୂନ୍ୟ ଅକ୍ଷର ଆସିବି ମାଡି
ନିଜ ଶବ ନିଜେ କାନ୍ଧେ ବୋହିଥିବା
ସବୁ ତାହା ଫୁଲ ପଡିବ ଝଡି
ଆଖି ବୁଜି ବୁଜି ବାଟ ଚାଲୁଥିଲେ
ଝୁଣ୍ଟି ତ ପଡିବୁ ନିଶ୍ଚୟ
ହେ ମଣିଷ ତୁମେ ହୁଅ ସାବଧାନ
ଆସୁଛି ମହାପ୍ରଳୟ ।

## ମୋବାଇଲ

**ଦୁର୍ଗା ଚରଣ ବେଶ୍ରା**, *+ ୩ ୩ୟ ବର୍ଷ ବିଜ୍ଞାନ*

ହାତେ ନଥିଲେ ମୋବାଇଲ
କରିହେଲା ନାହିଁ ଷ୍ଟାଇଲ
ଯିବି ନାଲି ଜମା ନ କିଣିଲେ ମୋବାଇଲଟିଏ
ଯାହାକୁ ଦେଖିବ ପାଖେ ପାଇବ ମୋବାଇଲଟିଏ
ପାଠ ପଢୁଛି ନା ଲବ ଏସ୍.ଏ.ମେସ କରୁଛି
ସେକଥା ଜାଣେ ସିଏ ।



କିଏ ସେ ବୈଜ୍ଞାନିକ କଲା ତିଆରି
ବାର୍ତ୍ତା ଆଳାପକୁ ଦେଲା ସୁବିଧା କରି ।
ଧନ୍ୟ ସେ ଧନ୍ୟ ତା ବୁଦ୍ଧି ଜ୍ଞାନ କଲା ମୋବାଇଟିକୁ
ଭୁଲିଗଲେ ସବୁ Inland leter ଆଉ Post card ଟିକୁ
ସମସ୍ତେ ବୋଲନ୍ତି ପ୍ରିୟ ବସ୍ତୁ ମୋବାଇଲ
ଏମିତି ତାର ଯାଦୁ ତାକୁ ଛାଡିବା ମୁସକିଲ ।

## ବିଲୁଆ ମାରିଲା ମଜା

**ସୁନନ୍ଦା ପଟ୍ଟନାୟକ,** + ୨ ପ୍ରଥମ ବର୍ଷ

ଗୀତି କବିତା -

ସୁନା ରାମ ମାଝୀ ଯାଉଛି ଆଜି
ଓଡିଶାର ରାଜଧାନୀ
ଦାସ ଏବଂ ଦାସ ବଅସରେ ନିଜ
ପରିବାର ସଙ୍ଗେ ଘେନି ।।୧।।
ସୁକୁଲ ମାରାଣ୍ଡି ତାକୁ ବଡ ଗଞ୍ଜା
କିଣି ନେଉ ଅଛି ଆଜି
ରାଜଧାନୀ ସାଙ୍ଗ ସାଥୀଙ୍କୁ ସେଠାରେ
ଦେବ ବୋଲି ସିଏ ଭୋଜି ।।୨।।
ଦ୍ରୁତଗାମୀ ବସ ଧାଉଁଛି ବେଗରେ
ସଭିଙ୍କୁ ପଛରେ ପକାଇ .....
ବାଲେଶ୍ୱର ସୋର ପରେ ଅଟକିଲା
ବାରିଜପୁରରେ ଯାଇ ।।।୩।।
ବସ ଯାତ୍ରୀଗଣ ଜଣ ଜଣ ଧରି
ବସରୁ ଗଲେ ବାହାରି
ବସକୁ ଫେରିଲେ ପୁଣି ସଭିଏଁ
ସାନପାସ୍ ଶେଷ କରି ।।୪।।
ଏ ସମୟେ ନାଲି ଗଞ୍ଜାଟି ବସରୁ
ଆନନ୍ଦରେ ଗଲା ଉଡି
ସୁନାରାମ ମାଝୀ ଧରିବାକୁ ତାକୁ
ପଛରେ ଥାଏ ଦଉଡି ।।୫।।
ମଜା ନେଉଥିଲେ ଦେଖି ସେ ଦୃଶ୍ୟକୁ
ବସର ସବୁ ଯାତ୍ରୀର
ପାଟିତୁଣ୍ଡ କଲେ ବସ ଛାଡିବାକୁ
ହେବାରୁ ଟିକିଏ ଡେରି ।।୬।।
ବହୁ ଚେଷ୍ଟା କରି ସୁନାରାମ ଶେଷେ
ବସରେ ବସିଲା ଆସି ।।୭।।
ବସ୍ ଚାଲିଗଲା ତା ନିଜ ବାଟରେ
ବାରିଜପୁରକୁ ଛାଡି
ନିଶୂନ ହେବାରୁ ସେ କିଆଁବୁଦାରୁ
ଗଞ୍ଜା ଉଠେ ଡେଣା ଝାଡି ।।୮।।
ବହୁ ଆଗୁ ଛକି ଥିବା ବିଲୁଆଟା
ବସିଲା ତାହାକୁ ମାଡି
ରକ୍ଷା ପାଇଲାନି ବିଲୁଆ କବଳରୁ
ହେଲେ ଯେତେ ଝାଡ଼ିଝୁଡି ।।୯।।



## ସନ୍ଧ୍ୟା ତାରକା

**ସତ୍ୟବାନ ମାଝି,** + ୩ ପ୍ରଥମ ବର୍ଷ ବିଜ୍ଞାନ

ସନ୍ଧ୍ୟା ତାରକା ସକାଳର ଖରା,
ପାରୁନି ତୁମକୁ ଭୁଲି
ପ୍ରେମ ବଗିଚାରେ ଫୁଟିଅଛ ତୁମେ
ସାଜି ଗୋଟେ ପ୍ରୀତି ମଲ୍ଲୀ
ମନ ଗହନରେ ସାଧା କାଗଜରେ,
ଆଙ୍କିଦେଲି ତୁମ ଛବି
ଅଲିଭା ଅକ୍ଷର ଲେଖି ହୋଇଗଲା
ତୁମେ ମୋର ପ୍ରିୟା ବୋଲି ।
ସତ ମୁଁ କହୁଛି ଭଲ ମୁଁ ପାଉଛି
ପାଉଥିବି ସଦା ଭଲ ।
ଭଲ ପାଇବାରେ ଏତିକି ଯାତନା
ମନ ହୁଏ କଲବଲ ।
ତୁମେ ମୋ ମନରି ଆଶା ପାରିଜାତ
ହୋଇଛ ମୋ ଆପଣାର
ରୂପ ଗଉରବେ ମୋ ମନ ଜାଗିଛି
ସାଥି ତୁମେ ହୃଦୟର ।
ମନ ଦର୍ପଣରେ ପ୍ରତି ମୁହୂର୍ତ୍ତରେ
ଦେଖୁଛି ତୁମରି ଛବି
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ
ସ୍ମୃତିର ଅଲିଭା ଲିପି ।
ଚାଲୁଥାଅ ଯେବେ ମାଟି ଅଗଣାରେ
ସାଧବ ବୋହୁଟେ ପରି
ତୁମ ରୂପ ଦେଖି ଫୁଲ ତ ମଉଳେ
ଜହ୍ନ ବି ଯାଏ ଲାଜେଇ ।
ଆଖି ଭିଜିଯାଏ ତୁମକଥା ଭାବି
ତୁମକୁ ପାଉଛି ଭଲ
ତୁମେ ଯେଉଦିନ ଭଲପାଅ ବୋଲି
ଏକୁଟିଆ କହି ଦେଲ ।
କଥା ଦେଇ କଥା ରଖିବ ନିଶ୍ଚୟ
ଏଇ ଆଶା ଅଛି ମୋର
ସେଥିପାଇଁ ମୁହିଁ ଦିନ ଗଣୁଅଛି
ଛାତି କି କରି ପଥର ।
ଆସ ସାଥେ ଆମେ ନୀଳ ଆକାଶରେ
ଉଡିଯିବା ଡେଣା ମେଲି
ଭୁଲିଯିବା ଆମେ ଅତୀତର କଥା
ଦେଖିବା ସପନ ଖାଲି ।
ମୋ ପାଇଁ ଆସିଛ ଏଇ ଦୁନିଆରେ
ତୁମେ ତ ରଜନୀଗନ୍ଧା
ରହିଛି ରହିବ ଏଇ ହୃଦୟରେ
ତୁମେ ହିଁ ସତ୍ୟର ସନ୍ଧ୍ୟା ।

## ଏଇ ତ ସମାଜ

**ଅନିତା ସେନାପତି**, *ଯୁକ୍ତ ତିନି ପ୍ରଥମ ବର୍ଷ*

ସାମାଜିକ ପ୍ରାଣୀ ବୋଲାଉ ଆମେ ଯେ
ସମାଜକୁ କରୁ ଖୋଳ
ଅଧର୍ମ ଅନୀତି କରୁ ରୋଜଗାର
ସ୍ୱାର୍ଥରେ ଆମେ ଭୋଳ ।
ହିଂସା ଆଚରଣ ହୁଏ, ପୁଣି ଏଠି
ଗାନ୍ଧି ଅହିଂସା ଚଳେ
ନେତା ମନ୍ତ୍ରୀ ଏଠି ଗାଦି ଛାଡନ୍ତିନି
ନିଜ ବାହୁ ଆଉ ବଳେ ।
ଗେରୁଆ ବସ୍ତ୍ରଧାରୀ ସାଧୁ ସନ୍ୟାସୀ
ପ୍ରକୃତରେ ନର ପିଶାଚ
ସୁଖ ସୁନ୍ଦରକୁ ମନ ଅଙ୍ଗୀର
ମାନି ରଖ ମୋର ଉବାଚ ।
ମନ୍ତ୍ରୀ ନେତା ଓ କଳା ବଜାରୀ
ଦୁନିଆ କଲେଣି ନଷ୍ଟ
ତଥାପି ଲୋକେ ପୂଜନ୍ତି ତାଙ୍କୁ
ମଣନ୍ତି ପୁଣି ଇଷ୍ଟ
ମଣିଷ ମନରେ ସ୍ୱାର୍ଥ ଅହଂକାର
ଯେଉଁଠାରେ ଅଛି ଭରି
ଏଠି ଆମେ ନୂଆ ସମାଜ ଗଢିବା
ସଭିଙ୍କୁ ଏକତ୍ର କରି !
ଯେଉଁଠି ଭାଇ ଭାଇକୁ ମାରଇ
ବାପା ଦିଏ ଛୁଆ ବଳି
ଆମେରେ ଗଢିଛୁ ଏପରି ସମାଜ
ଏଇତ ତା'ର କାର୍ଯ୍ୟାବଳୀ !



## ତିତିଲର କଣ୍ଢେଇ

**ସପ୍ନାରାଣୀ କଲିଆ**, *+ ୩ ତୃତୀୟ ବର୍ଷ ବିଜ୍ଞାନ*

ବୋହୁ କଣ୍ଢେଇ ବର କଣ୍ଢେଇ
କଣ୍ଢେଇ ହାତୀ ଘୋଡା
ନେତା କଣ୍ଢେଇ ଠିଆ ହୋଇଛି
ତାର ହାତ ଦୁଇଟି ଯୋଡା ।।୧।।
କାହ୍ନୁ କଣ୍ଢେଇ ମଥାରେ ଚୂଳ
ରୂପଟି ମନ କିଣା
ବାଣୀ କଣ୍ଢେଇ ବସି ସରାଗେ
ବଜାଉଥାଏ ବୀଣା ।।୨।।
ଶୁଆ ଓ ଶାରୀ ଏକାଠି ବସି
କରନ୍ତି ଗପସପ
ପୁଷି କଣ୍ଢେଇ ମାଳଟିଧରି
କରଇ ନାମ ଜପ ।।୩।।
ନାଚ ଠାଣୀରେ ସଖି କଣ୍ଢେଇ
ମେଳେ ହୋଇଛି ଠିଆ ।।୪।।
ହନୁ କଣ୍ଢେଇ ମୁହଁଟି କଳା
ଦେଖିଲେ ଲାଗେ ମଜା
ଚାବି ମୋଡି ଦେଲେ ଭାଲୁ କଣ୍ଢେଇଟି
ବଜାଇ ଦିଏ ବଜା
ଏହି ପରିକା କେତେ କଣ୍ଢେଇ
"ତିତିଲି"ର ଖେଳ ଘରେ
ତଥାପି ମନ ବୁଝେନି ତାର
ଏତେ କଣ୍ଢେଇ ଥାଇ
ମୁହଁ ଫୁଲାଇ କରେ ସେ ଅଳି
ନୂଆ କଣ୍ଢେଇ ପାଇଁ ।।୬।।

## ପ୍ରେମ

**ମାତୃ ପ୍ରସାଦ ଧଳ,** *+ ପ୍ରଥମ ବର୍ଷ ବିଜ୍ଞାନ*

ପ୍ରେମ ଯଦି ପବିତ୍ର ହୁଏ
 ମନୁଷ୍ୟ ସନ୍ଦେହ କରେ କାହିଁକି ?
ପ୍ରେମ ଯଦି କର୍ତ୍ତବ୍ୟ ହୁଏ
 ମନୁଷ୍ୟ ଭୁଲିଯାଏ କାହିଁକି ?
ପ୍ରେମ ଯଦି ତ୍ୟାଗ ହୁଏ
 ମନୁଷ୍ୟ ବାଧା ପାଏ କାହିଁକି ?
ପ୍ରେମ ଯଦି ହୃଦୟ ହୁଏ
 ମନୁଷ୍ୟ କଷ୍ଟପାଏ କାହିଁକି ?
ପ୍ରେମ ଯଦି ବିଶ୍ୱାସ ହୁଏ
 ମନୁଷ୍ୟ ସ୍ୱାର୍ଥ ପର ହୁଏ କାହିଁକି ?
ପ୍ରେମ ଯଦି ଗୋଲାପ ହୁଏ
 ମନୁଷ୍ୟର ରକ୍ତ ବହେ କାହିଁକି ?
ପ୍ରେମ ଯଦି ଈଶ୍ୱର ହୁଏ
 ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ କାହିଁକି



## ଜୟ କପି ଦେବୀ

**ସ୍ନେହେଶ୍ୱର ବାରି,** *+ ୩ ପ୍ରଥମ ବର୍ଷ ବିଜ୍ଞାନ*

ଜୟ ଜୟ କପି ଦେବୀ ପକେଟ ବାସିନୀ
 ପରୀକ୍ଷା ଗୃହରେ ମା ହୋ ସାହା ହେଉ ପୁଣି ।
ଭିତରୁ ବାହାରୁ ଅବା ପକେଟରୁ ଆସି
 ଧୀରେ ଧୀରେ ଖାତା ତଳେ ଯାଉ ତୁହି ପଶି
ସମୟେ ସମୟେ ମା ଗୋ ବାହାରୁ ଥାଉ
 ବେଳ କାଳ ଜାଣି ସବୁ ଜଣାଇ ତୁ ଦେଉ ।
ତୋର ଯେ ପ୍ରଧାନ ଶତ୍ରୁ ଶିକ୍ଷକ ଅଟନ୍ତି
 ମୂଷିକ ମାର୍ଜାର ପରି ଜଗି ବସିଥାନ୍ତି
ଯଦି କେବେ ଧରା ପଡୁ ତୁହି ମା ଗୋ ଥରେ
 ଅକାଳ ଚଡକ ପଡେ ତୋ ଭକତ ଉପରେ
ସେତେବେଳେ ତୁହି ମା ଗୋ ନକରୁ ଯେ ରକ୍ଷା
 ଅପମାନ ଦୁଃଖ ହୁଏ ତା କପାଳେ ଲେଖା
ପାଦେ ତୋ ନାମରେ ମା ଗୋ ମୁଁ ଭକତି ଭରେ
 ତୋର ସଙ୍ଗେ ଦେଖା ନ ହେଉ ଜନ୍ମ ଜନ୍ମାନ୍ତରେ ।

## ମିସ୍‌କଲ୍

**ସିଦ୍ଧାର୍ଥ ବେହେରା,** *+ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ*

ତୁମ ଫୋନରୁ ଗୋଟେ ମିସ୍‌କଲ ପାଇଁ
କେତେ ଯେ ବ୍ୟାକୁଳ ମୁଁ
କହିଦେଇ ଗଲ ପଠାଇବ ବୋଲି
ଏଠି ମୁଁ ଗଣୁଛି ଦିନ
ଅପେକ୍ଷାଟା ଯେତେ କଷ୍ଟ
ତହୁଁ କଷ୍ଟ ଉପେକ୍ଷିତ ହୋଇ ରହିବାରେ
ତୁମେ ମୋତେ ଭୁଲିଯିବା ଯେତେ କଷ୍ଟ ନୁହଁ
ତହୁଁ କଷ୍ଟ ତମେ ମୋତେ ଭୁଲ ବୁଝିବାରେ
ଭଲ ପାଇବାର ଜଳନ୍ତା ଜୁଇରେ ଜଳି ନାହିଁଥରେ ଯିଏ
କେମିତି ବୁଝିବ ପତଙ୍ଗ କାହିଁକି ଜଳିବାକୁ ଭଲପାଏ
ସକାଳେ ଡାକିବି ତମେ ତମେ କହି
ସେ ତମେ ର ମୂଲ ନାହିଁ
ତୁମେ ଯେତେ ମୋତେ ତମେ ବୋଲି କୁହ
ଏତେ ମିଠା କାହିଁ ପାଇଁ
ସବୁ ନଦୀ ନୁହେଁ ମଧୁରେ ଭରା
ସବୁ ଚିହ୍ନା ମୁହଁ ନୁହନ୍ତି ନିଜର
ସବୁ ପ୍ରେମ ନୁହେଁ ଜୀବନ ସାରା



## ମୋ ମାଆ

**କମଳିନୀ ନାଥ,** + ୩ ତୃତୀୟ ବର୍ଷ କଳା

ମୋ ମାଆ ପରି କିଏ ହେବ
ରୋଗରେ ପଡିଲେ କୁଆଡେ ନଯାଇ
ପାଖେ ଜଗି ବସିଥିବ
ମୋ ମାଆ ପରି କିଏ ହେବ
ପାଠନ ପଢିଲେ ବେତଟାକୁ ଧରି
ଚାଇଁ ଚାଇଁ ପିଟିଦେବ
ମୋ ମାଆ ପରି କିଏ ହେବ
ଦୁଷ୍ଟାମି କଲେ କାନ ମୋଡି ଦେଇ
ମୋତେ ବୁଝାଇ ଦେବ
ମୋ ମାଆ ପରି କିଏ ହେବ
ଶୀତ ଆସିଲେ କୋମଳ ଘୋଡାଇ
କୋଳରେ ଶୁଆଇ ଦେବ
ମୋ ମାଆ ପରି କିଏ ହେବ
ପୁରୀ ମୋତେ ନେଇ ଯିବ
ଜଗତର ନାଥ ଦର୍ଶନ କରାଇ
ସମୁଦ୍ର ବୁଲାଇ ନେବ
ମୋ ମାଆ ପରି କିଏ ହେବ ?
ଅଳି କଲେ ଯାହା ଆଣିଦେବା ପାଇଁ
ମୋ ପାଖରେ ଥୋଇଦେବ
ମୋ ମାଆ ପରି କିଏ ହେବ
ଜଗତ ଜାଣଇ ମାଆ ବିନା କେହି
ଦୁଃଖ ଆଉ କେ ବୁଝିବ
ମୋ ମାଆ ପରି କିଏ ହେବ ।



## ଝିଅ ଜନମ

**ରଜନୀ ହେମ୍ବ୍ରମ୍,** + ୩ ତୃତୀୟ ବର୍ଷ କଳା

ମାଆ ପେଟର ମାରିବାକୁ ତାକୁ
କାହିଁକି ତମର ଆଶା
ମୁରୁମରୁ ଯଦି ବଞ୍ଚି ଜନମିଲା
କହ କେତେ କଟୁ ଭାଷା
ଝିଅ ଜନମ ବୋଝ ବୋଲି ମାତା
ବାପା, ଦାଦା, ମାମୁଁ , ଭାଇ
ସେଇ ଝିଅ ତମ ମାଆ କି ମାଉସୀ
ଭଉଣୀ ନ ହେଲେ ଆଇ ।
ମାଆ ନଥିଲେ କି ଜନନୀ ହୁଅନ୍ତେ
ଶିବାଜୀ ନେହେରୁ ଗାନ୍ଧୀ
ଭଉଣୀ ନହେଲେ ରାକ୍ଷୀ ପୁନେଇରେ
କିଏ ଦେବ ରାକ୍ଷୀ ବାନ୍ଧି ।
ମାମୁଁ ଘର ଗଲେ ଗେଲ କରି ଯିଏ,
ଖୁଆଇ ଦିଏ ସେ ମାଇଁ
ଶୋଇଗଲେ ଯିଏ ଗପ କହିଦିଏ,
ସିଏତ ଆମର ଆଇ
ଝିଅଟି ଯଦି ଜନମିଲା ଘରେ
କାହିଁକି ମନରେ ଦୁଃଖ
ସେଇ ଝିଅ ତୁମ କୁଳର ଲକ୍ଷ୍ମୀ
ଆଣିବ ଅସରା ସୁଖ ।
ସେ ପୁଣି ଇନ୍ଦିରା ନନ୍ଦିନୀ
ରାଣୀ ଲକ୍ଷ୍ମୀ ବାଇ ହେବ
କଳ୍ପନା, ସାନିଆ, ପି.ଟି. ଉଷା ହୋଇ
ଦେଶର ଗୌରବ ହେବ ।
ଆହେ ବାପା ଭାଇ ଝିଅଟିଏ ମୁହିଁ
କରୁଛି ଏତିକି ଅଳି
ସେନେହ ପଛକେ ନଦିଅ ବା ଦିଅ
ପାଦରେ ନଦିଅ ଦଳି ।

## ଶ୍ରଦ୍ଧା-ସବୁରୀ

**ଦୁର୍ଗା ଚରଣ ବେଶ୍ରା**, + ୩ ୩ୟ ବର୍ଷ ବିଜ୍ଞାନ

ସାଇ ଶକ୍ତି ସାଇ ମୁକ୍ତି
ସାଇ ମୋ ମନର ଶାନ୍ତି
ଦୁଃଖ ସୁଖ ହସ ଖୁସି
ସବୁର ସେ ଚିର ସାଥୀ
ସାଇ ପିତା ସାଇ ମାତା
ସାଇ ମୋର ବନ୍ଧୁ ସଖା
ସାଇ ନାମ ସାଇ ଧ୍ୟାନ
ଏହା ଅଟେ ମୋର କାମ
କଟି ଯାଏ ଦିନ ରାତି
ସାଇ ମୋର ଶିବ ଶକ୍ତି
ସାଇ ମୋର ସୁନ୍ଦର ଅତି
ସାଇ ମୋର ବିଶ୍ୱାସ
ସାଇ ମୋର ମନର ସାହସ
ନିମ୍ବ ବୃକ୍ଷ ଛାଇ ତଳ
ସାଇଙ୍କର ଧ୍ୟାନ ସ୍ଥଳ
ସାଇ ମୋର ହର୍ତ୍ତା କର୍ତ୍ତା
ସାଇ ମୋ ଭାଗ୍ୟ ବିଧାତା



ହିନ୍ଦୁ ମୁସଲିମ୍ [illegible] ସାଇ
ସାଇଙ୍କର ପ୍ରିୟ ହେଇ
ସାଇଙ୍କର ଗୁଣ ଗାଇ
ଅଟେ ବଡ ପୁଣ୍ୟକାମ
ସାଇ ମୋର କରୁଣାବତାର
ତାଙ୍କ ମହିମା ଅତି ଅପାର
ଶିରିଡି ସାଇବାବା
ସଭିଙ୍କର ମୋକ୍ଷଦାତା ।
କୃପାର ପାରିଜାତ ହୋଇ
ସଦା ତମେ ଥାଅ ସାଇ
ଏତିକି ମାଗୁଛି ମୁହିଁ
ଅଭାବ ସାଗରୁ ପାରି ହେବାପାଇଁ
ଆଶା ଅଛି ମୋର ସାଇ
ତମ ଦିବ୍ୟରୂପ ଥରେ ଦେଖିବା ପାଇଁ
ଆଶାଯେ ମୋହର ଆଶାରେ ନରହୁ
ଶେଷ ବିନତି କରୁଛି ମୁହିଁ ।
ଓମ୍ ସାଇ ରାମ, ଶ୍ରଦ୍ଧା ସବୁରୀ

## ତୁମକୁ

**ଅନ୍‌ମୋଲ୍ ଯଶୀ**, + ୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ହସିଯଦି ଟିକେ ଦେଇ ନ ପାରିବ
କାହିଁକିବା ଲୁହ ଦେବ
ଯଦି କେବେ କିଛି ଗଢି ନ ପାରିବ
କାହିଁକି ବା ଭାଙ୍ଗି ଦେବ ।
ମନ ଯଦି ଟିକେ ଦେଇ ନ ପାରିବ
ହୃଦୟ କାହିଁକି ଦେବ
ହୃଦୟତ ନୁହେଁ କାହାରି ଖେଳନା
ଗଢିଦେବ ଭାଙ୍ଗି ଦେବ



କାହାର ଭରସା ହୋଇ ନ ପାରିଲେ
କାହିଁକି ବା ଆଶା ଦେବ
ଆଶାଦେଇ ଯଦି ରଖି ନ ପାରିବ
କାହିଁକି ବା କଥା ଦେବ ।
କଥା ଦେଇଥିଲ ହାତ ରଖି ହାତେ
ବାଟ ତ ଚାଲିବା ପାଇଁ
ଅଧା ବାଟେ ହାତ ଛାଡି ଦେବ ଯଦି
କେଉଁ ଆଡେ ଯିବି ମୁହିଁ ।

## ତୁମକୁ ଦେଖିଲା ପରେ

**ଖଗେଶ୍ୱର ସାହୁ**, + ୩ ତୃତୀୟ ବର୍ଷ ବିଜ୍ଞାନ

ଏ ଜନମରେ ପ୍ରେମ କରିବି ନାହିଁ
ଭାବି ଚାଲିଥିଲି
ଘୃଣାର କୋଷ ପାଲଟିଯାଏ
ଝିଅଙ୍କ ଦେଖିଲା ମାତ୍ରେ
ତୁମେ ଦେଖାହେଲେ ଯେଉଁଦିନ
ମନକୁ କଲ ଚୋରି
ଯେଉଁ ଝିଅକୁ ଘୃଣା ଲାଗୁଥିଲା
ସେହି ଘୃଣା ହେଲା ଅମୃତ
ତୁମକୁ ଦେଖିଲା ପରେ
ଲାଗିଲା ନିଜର ନିଜର ।
ଆଖିରେ ମିଶିଲା ଆଖି
ମନ ହେଲା ମିଳନ
ଭଲ ପାଇବାରେ ମଧୁ ଚଖାଇଲ
କେତେ ଆପଣା କରି
ପ୍ରେମ ବୋଲି ଯେଉଁ ଦୁଇଟି ଅକ୍ଷର
ମୋ ମନରେ ଦେଲ ଭରି
ସେହି ଦିନଠାରୁ ଜାଣିଲି
ତୁମେ ମୋ ପ୍ରିୟା
ଦିନେ ନ ଦେଖିଲେ
ଲାଗେ ପାଗଳ ପାଗଳ
କଥା ଦେଇ ଦୂର ଦେଶ ଚାଲିଗଲ
ଫେରି ଆସିବି କହି,
ତୁମ କଥା ଭାବି ଭାବି
ବସିଛି ରାସ୍ତାକୁ ଅନେଇଁ ।



## କାଗଜରେ ଲେଖୁଛି

**ରଞ୍ଜିତା ନାଥ**, + ୩ ତୃତୀୟ ବର୍ଷ କଳା

କାଗଜରେ ଲେଖୁଛି ମୁଁ ମନକଥା ମୋର ଆଜି
ମୋ ଆଖିରେ କେତେ ଲୁହ କିଏ ବା ପାରିବ ଖୋଜି
କିଏ ଜାଣୁଛି କିଏ ବୁଝୁଛି କେତେ ମୁଁ ଯାଇଛି ଭିଜି
କାଗଜରେ ଲେଖୁଛି ......
ଧୂଲର ସହରେ ଅଛି ସିନା ମୋର ଘର
ଦୁଃଖର ଶେଜରେ ରାତି ପାହିଯାଏ ମୋର
ହସର ଆସର ସିନା ପାଶେ ଜମିଥାଏ
ଲୁହର ଢେଉରେ ମନ ବୁଡି ବୁଡି ଯାଏ
ମୋ ଦୁଃଖର ନଇ ଯାଏ ବହି ବହି
ଲୁହର ଶ୍ରାବଣ ସାଜି .....
କାଗଜରେ ଲେଖୁଛି ....
ବଞ୍ଚିବା ବାହାନା କେତେ ମୁଁ କରିବି
ହଜିଲା ଅତୀତକୁ ଆଉ କେତେ ମୁଁ ଝୁରିବି
ନୀରବ ମନର ଭାଷା କିଏ ମୋ ବୁଝୁଛି
ହାରିବା ଭୟରେ ନୀତି ମୁଁ ଜିତି ଜିତି ଯାଉଛି
ସମୟ ସୁଅରେ ଆଶାର ମିନାର
ଭାଙ୍ଗିତ ଯାଉଛି ଆଜି
କାଗଜରେ ଲେଖୁଛି ....
ଆଖି ଆଜି ମୋର ମରୁଭୂମି ଯେ ସାଜିଛି
ହୃଦୟେ ଯନ୍ତ୍ରଣା ଅଦିନେ ମୌସୁମୀ ଆଣିଛି
ଥାଏ କ'ଣ ଜିଅନ୍ତା ଶବର କେହି ପର ବା ନିଜର
ଜଳେ ଦେହ ମନ ପ୍ରତି ମୂହୁର୍ତ୍ତରେ
ଜୁଇ ସେତ ଅନୁତାପର
ଭଲ ପାଇବାକୁ ଟିକେ ପ୍ରୀତି ଓ ବିଶ୍ୱାସ
ଲଗେଇ ଥିଲି ଜୀବନ ବାଜି
କାଗଜରେ ଲେଖୁଛି ମୁଁ ମନକଥା ମୋର ଆଜି
ମୋ ହସରେ କେତେ ଲୁହ କିଏ ବା ପାରିବ ଖୋଜି
କିଏ ଜାଣୁଛି କିଏ ବୁଝିଛି କେତେ ମୁଁ ଯାଇଛି ଭିଜି ।
କାଗଜରେ ଲେଖୁଛି ..........

## ମାଆ

**ଶୁଭସ୍ମିତା ରଣା** + ୩ ୧ମ ବର୍ଷ କଳା

ମାଆ ମାଆ ଡାକ ଆହାକି ମଧୁର
ସୁଧା ନୁହେଁ ତା'ର ମରି
ଦୁନିଆଟ ଯାକ ଖୋଜି ଥକି ଗଲେ
ନ ମିଳବ ତାହା ପରି ।
ମାଆର କରୁଣା ମମତା ଅପାର
ମାଆ ଅତି ଆପଣାର,
ତା'ର କୋଳେ ରହିଥିବ ଯେତେ ବେଳେ,
କାହାକୁ ନଥିବ ଡର ।
ଦୁନିଆରେ କେହି ନାହିଁ ମାଆ ପରି
ବୁଝିବ ମନର କଥା,
ସନ୍ତାନ ହସିଲେ ହସି ହସି ସିଏ,
ଭୁଲିଯାଏ ନିଜ ବ୍ୟଥା ।
ମାଆଟି ମୋହର ସ୍ୱର୍ଗଠାରୁ ବଡ
ମାଆର ଚରଣ ତଳେ
ସିଝି ହେବ ନାହିଁ ମାଆ ଋଣ କେବେ,
ଯେତେ ପ୍ରତିଦାନ ଦେଲେ ।



## ପୁଅ

**ମିଲୁ ରଣା** + ୨ ୧ମ ବର୍ଷ କଳା

ମା'ଜନ୍ମକରେ ପୁଅଟିକୁ ଯେବେ,
ମନରେ ଶରଧା କେତେ,
ବଡ ହେଲେ ସିଏ ମଣିଷ ହୋଇବ
ଯଶ ଅରଜିବ ସତେ ।
ପୁଅ ପାଇଁ ସିଏ ଦୁଃଖ ସବୁ ଯେତେ
ମଥା ପାତି ସହିଯାଏ,
ତା ସୁଖକୁ ସଦା କାମନା କରି ସେ
କେତେ ଆଶା କରିଥାଏ ।
କୁନିପୁଅ ଯେବେ ମଣିଷ ହୁଅଇ
ମାଟିରେ ନଲାଗେ ପାଦ,
ମା ମନ ଉଡେ ଗଗନେ ପବନେ
ଝରିପଡେ ଆଶୀର୍ବାଦ ।



# ଆମ ମିତାଲିର ଯଦି ଥାଆନ୍ତା ଡେଣା

**ଅନୁତୃପ୍ତି ମହାନ୍ତି**, *+ ୨ ପ୍ରଥମ ବର୍ଷ କଳା*

ଆମ ମିତାଲିର ଯଦି ଥାଆନ୍ତା ଡେଣା
ଉଡି ଯାଆନ୍ତା ତ ସେ ଫୁଲକିନା ।।୧।।
ଗଛ ଅଗରେ ଯାଇ ବସି ଯାଆନ୍ତା
ପାଚିଲା ଜାମୁକୋଳି ତୋଳି ଖାଆନ୍ତା ।।୨।।
ଡାକିଲେ କହନ୍ତା ମୁଁ ଯିବି ନାହିଁତ
ତୁମର ଗେହ୍ଲାଝିଅ ହେବ ନାହିଁତ ।।୩।।
ପାରିବି ନାହିଁ ଏତେ ଇଂରାଜୀ ଘୋଷି
ପାରିବି ନାହିଁ ଏତେ ଗଣିତ କଷି ।।୪।।
ମୋଡିବ କାନ ତଳେ ଥିଲେ ମୁଁ ସିନା
ଆମ ମିତାଲିର ଯଦି ଥାଆନ୍ତା ଡେଣା ।।୫।।
କହନ୍ତା ମିତାଲି ଆହା ଜାଣେ ମୁଁ ତତେ
କେତେ ବାଗରେ ମିଛ କହୁଚୁ ମୋତେ ।।୬।।
ଡାକନ୍ତା ମାଆ ମିତାଲି ଆଲୋଆ
ଚକୁଳି ପିଠା ଖଣ୍ଡେ ଖାଇକି ଯାଅ ।।୭।।
କହନ୍ତା ମିତାଲି ଆହା ଜାଣେ ମୁଁ ତୋତେ
କେତେ ବାଗରେ ମିଛ କହୁଚୁ ମୋତେ ।।୮।।
ଖାଲି ଅଟାରେ ହୁଏକି କେବେ ଚକୁଳି ପିଠା
କେତେବେଳେ କଲୁ ପିଠଉ ବଟା ।।୯।।
କହନ୍ତି ମାଆ ଚାହେଁ ବୁଡିଲେ ରବି
ଆକାଶେ ହସିଲାଣି ଲୋହିତ ଛବି ।।୧୦।।
ଅନ୍ଧାର ହେବ ତୋତେ ମାଡିବ ଡର
କାଲିକି ପଛେ ଯିବୁ ବିଦେଶ ଦୂର ।।୧୧।।
ମାଆଙ୍କ କୋଳରେ ସେ କାଖ ହୁଅନ୍ତା
ଆମ ମିତାଲିର ଯଦି ଡେଣା ଥାଆନ୍ତା ।୧୨।



# ସ୍ନେହ

**ସତ୍ୟବାନ ପାତ୍ର**, *ଯୁକ୍ତ ୨, ୧ମ ବର୍ଷ କ*

ସବୁତ ସରିବ ମଣିଷ ମରିବ
ସ୍ନେହତ ସରିବ ନାହିଁ
ସ୍ନେହ ବୋଲି ଯେଉଁ ଦୁଇଟି ଅକ୍ଷର
ମନୁ ଭୁଲି ହେବ ନାହିଁ ।
ସ୍ନେହତ ନୁହଇଁ ମାଟିର କଣ୍ଢେଇ
ଆଘାତରେ ଭାଙ୍ଗିଯିବ
ସ୍ନେହ ନୁହଇଁ ଫୁଲର ପାଖୁଡା
ପବନରେ ଝଡିଯିବ
ପାଟଶାଢୀ ଖଣ୍ଡେ ସାଇତି ରଖିଲେ
ଦିନେ ହେଲେ ଚିରିଯିବ
ଅମ୍ଳାନ ସ୍ନେହକୁ ମନେ ରଖିଥିଲେ
ଚିରଦିନ ରହିଯିବ
ତା' ପରି ନାହିଁ କିଛି ଓ ହୃଦୟେ
ରହିଥାଏ ପ୍ରତି କ୍ଷଣେ
ଅବୁଝା ମନକୁ ବୁଝାଇ ଦିଏଲୋ
ଜୀବନ ପ୍ରତି କ୍ଷଣେ
ହୃଦୟରି ଝରି ସେ ସେନହ ଗଙ୍ଗା
ମନରେ ଆଣଇ ଶାନ୍ତି
ସାର୍ଥକ ହେଉ ତମର ଜୀବନ
ଏହି ଯେ ସ୍ନେହର ପ୍ରୀତି

# ଆମ ସ୍ୱାଧୀନ ଭାରତ

**ସୁଦିପ୍ତା ବାସୁରୀ** + ୨ ପ୍ରଥମ ବର୍ଷ କଳା

ସ୍ୱାଧୀନ ଭାରତ ଗଉରବ ବହି
ଉଡେ ବାନା ଫରଫର ।
ନାରଙ୍ଗୀ, ଧବଳ, ସବୁଜ ରଙ୍ଗରେ
ନାମ 'ତ୍ରିରଙ୍ଗା' ତାହାର ।
ନାରଙ୍ଗୀ ରଙ୍ଗଟି ଉପରେ ରହିଛି
ତ୍ୟାଗ ବୀରତ୍ୱକୁ ନେଇ ।
ମଝିରେ ରହିଛି ଧବଳ ରଙ୍ଗଟି
ପବିତ୍ର ଶାନ୍ତିକୁ ବହି
ନିମ୍ନରେ ସବୁଜ ରଙ୍ଗଟି ଶୋଭଇ
ବିକାଶର ଭାବ ନେଇ ।
ଉନ୍ନତି ସମୃଦ୍ଧି ସଙ୍କେତ ରହିଛି
ଆମରି ବିକାଶ ପାଇଁ ।
ମଝିରେ ରହିଛି ଅଶୋକ ଚକ୍ର
ଚବିଶ ଅରକୁ ନେଇ
ଦିନରାତି ଆମେ କାର୍ଯ୍ୟକ୍ଷମ ହେବା
ଆମକୁ ଦିଏ ବତାଇ
ଏହି ପତାକାଟି ସୂଚାଏ ଆମକୁ
ଏକତାର ହେଉ ଜୟ
ସତ୍ୟ ଅହିଂସାରେ ଚାଲିଲେ ସଭିଏଁ
ରହିବନି କେବେ ଭୟ ।
ଏହି ତିନି ରଙ୍ଗେ ଇଙ୍ଗୀଇତ ହେବ
ପତାକା ଦିଏ ବତାଇ
ଆସ ତିନି ରଙ୍ଗେ ଇଙ୍ଗୀୟିତ ହେବା
ଜାତୀୟ ସଙ୍ଗୀତ ଗାଇ
ଉଇଁଲେ ସୁରୁଜ ତ୍ରିରଙ୍ଗା ଉଡଇ
ଅନବରତ ରବି ଗତେ
ଉଡେ ନାହିଁ କେବେ ଜାତୀୟ ପତାକା
ରାତିରେ ବିଧାନ ମତେ ।
ଜାତୀୟ ଦିବସେ ଉଡାନ୍ତି ସମସ୍ତେ
ଗଉରବ ଭାବନେଇ ।



ଅନ୍ୟ ଦିବସରେ ଉଡାନ୍ତିନି କେହି
ନିୟମିତ ଅଛି ରହି ।
ରାଷ୍ଟ୍ରପତି ରାଜ ଭବନେ ସଂସଦେ
ଉଡେ ବିଧାନ ସଭାରେ
ଉଚ୍ଚତମ, ଉଚ୍ଚ ନ୍ୟାୟାଳୟ ଉଡେ
ଉଡେ ସଚିବାଳୟରେ
ରାଷ୍ଟ୍ରପତି ରାଜ୍ୟପାଳଙ୍କ ଯାନରେ
ସଦା ଏହା ଉଡୁଥାଏ
ରାଷ୍ଟ୍ରଦୂତ ଆଉ ପ୍ରଧାନ ମନ୍ତ୍ରୀଙ୍କ
ଗାଡିରେ ବି ଶୋଭାପାଏ ।
ରହିଛି ନିୟମ ଆମ ସମ୍ବିଧାନେ
ଜାତୀୟ ପତାକା ପାଇଁ
ଉଡି ବନି କେହି ଉପରେ ଦକ୍ଷିଣେ
ପତାକା ପାଖରେ ରହି
ଚିରା ଫଟା ଆଉ ମସିଆ ପୁରୁଣା
ପତାକା ଉଡିବା ମନା
ଖଦଡ କନାରେ ହୁଅଇ ତିଆରି
ଜାତିର ଗୌରବ ବାନା ।
ଚଉଡାରୁ ଲମ୍ବ ଦେଢଗୁଣ ହୁଏ
ରହିଛି ତା'ର ବିଧାନ
ଫରଫର ହୋଇ ଉଡଇ ଭାରତେ
ରଖି ଦେଶ ଯଶମାନ ।
ଜାତୀୟ ଶୋକରେ ଅର୍ଦ୍ଧନମିତରେ
ଜାତୀୟ ପତାକା ରୁହେ
ବୀରତ୍ୱ ତ୍ୟାଗକୁ ପବିତ୍ରତା ଶାନ୍ତି
ଉନ୍ନତି ସମୃଦ୍ଧି ବହେ ।
ସତ୍ୟ, ଅହିଂସାରେ ପ୍ରତୀକ ଏଝଣ୍ଡା
ମାଆର ପ୍ରତୀକ ସମ
ଭାରତ ମାତାର ପଣତ କାନି ଏ
କରୁଛି ରେ ପ୍ରଣାମ ...... ।

# ଏକା ଏକା

**ରୂପାଲି ବେହେରା** + ୩ ତୃତୀୟ ବର୍ଷ କଳା





ଜୀବନ ଚକ୍ରରେ ଲାଗି ରହିଛି ରହିଥିବ ଅହରହ
ସଫଳ ବିଫଳକୁ ନେଇ ଜୀବନ ଖେଳ
ଜୀବନ ରଙ୍ଗ ମଞ୍ଚରେ ଆସେ ବେଳେ ବେଳେ କୋଳାହଳ
ହେଲେ ଏ ସବୁ ତ ସୃଷ୍ଟି କର୍ତ୍ତାର ଖେଳ ।
ଜୀବନ ଚକ୍ରରେ ଲାଗି ରହିଛି ରହିଥିବ ଅହରହ
ସଫଳ ବିଫ ଳକୁ ନେଇ ଜୀବନ ଖେଳ
ଜୀବନ ଶୀର୍ଷକ ନାଟକରେ ଆମେ ସବୁ ଗୋଟେ ଗୋଟେ କଳାକାର
ଅଭିନୟ ସାରି ପଳାୟନ କରିବେ ଯିଏ ଯାହାର
ଜୀବନ ଚକ୍ରରେ ଲାଗି ରହିଛି ରହିଥିବ ଅହରହ
ସଫଳ ବିଫଳକୁ ନେଇ ଜୀବନ ଖେଳ
ଜୀବନେ ଭାବିବି ଅଛନ୍ତି ସାଥୀ ମୋର
ଆପଣାର ନାହିଁ କେହିଁ ଦେହ ଆତ୍ମା ଛାଡି ତୋର
ଧରଣୀରେ ଏକା ପାଦ ଥୋଇଲୁ ମା'କୋଳରେ
ଏକା ଆସିଛୁ ଏକା ଯିବୁ ଯିବେ ନାହିଁ
କେହି ଆତ୍ମା ବିଦାୟ ବେଳରେ ।

# ଖୁସି ରହିବାର ଚିନ୍ତନ

***ଅନୁତୃପ୍ତି ମହାନ୍ତି,*** + ୨ *ପ୍ରଥମ ବର୍ଷ କଳା*

ଅତି ଆବଶ୍ୟକ 'ଆତ୍ମ ବିଶ୍ୱାସ'
ଏହାର ଉପରେ ଆସ୍ଥା ରଖ ।।୧।।
ଅତି ଶକ୍ତିଶାଳୀ ଶବ୍ଦ 'ଜ୍ଞାନ'
ଏହାକୁ ଆହରଣ କର ।।୨।।
ଅତି ପରଶ୍ରୀକାତରତା ଶବ୍ଦ 'ଈର୍ଷା'
ଏହାଠାରୁ ଦୂରେଇ ରୁହ ।।୩।।
ଅତି କଷ୍ଟସାଧ୍ୟ ଶବ୍ଦ ସଫଳତା
ଏହାକୁ ହାସଲ କର ।।୪।।
ଅତି ଶୀଘ୍ର ବ୍ୟାପୁଥିବା ଶବ୍ଦ 'ଗୁଜବ'
ଏହାକୁ ଉପେକ୍ଷା କର ।୫।
ଅତି ଆନନ୍ଦ ପ୍ରଦାନ କରୁଥିବା ଶବ୍ଦ 'ସ୍ମିତହାସ୍ୟ'
ଏହାକୁ ସାଇତି ରଖ ।।୬।।
ଅତି ବ୍ୟବହୃତ ଶବ୍ଦ 'ସ୍ନେହ'
ଏହାକୁ ମୂଲ୍ୟ ଦିଅ ।।୭।।
ଅତି ବିଷାକ୍ତ ଶବ୍ଦ 'ଅହଂ'
ଏହାକୁ ହତ୍ୟାକର ।।୮।।
ଅତି ସନ୍ତୋଷ ଦାୟକ ଶବ୍ଦ 'ଆମେ'
ଏହାକୁ ବ୍ୟବହାର କର ।।୯।।
ଅତି ସ୍ୱାର୍ଥପରତାର ଶବ୍ଦ ମୁଁ
ଏହାକୁ ପରିହାର କର ।।୧୦।।

## ଶୀତ

**ଗାୟତ୍ରୀ ନାଥ** + ୩ ପ୍ରଥମ ବର୍ଷ କଳାଶୀତ

ଆସିଲାଣି ସୋରିଷ ଫୁଲର
ସବାରିରେ ବୋହୂ ହୋଇ
ଶୀତ ଆସିଲାଣି କୁହୁଡି ଧୂଆଁରେ
ଧାନବିଲ ଡେଇଁ ଡେଇଁ ।।
ଶୀତ ଘାସଫୁଲ କୁଆଁରୀ ଆଖିରେ
ସଜ କାକରର ଲୁହ
ଶୀତ ନଈଧାରେ ପରଦେଶୀ କେଉଁ
ମେଘର ମଉଳା ମୁହଁ ।।
ମାଟି ଅଗଣାର ଚଉରାରେ ଶୀତ
କିଅଁଳଖରାରେ ଝୋଟି
ଗାଉଁଲି ଜହ୍ନର ଗୀତଟିଏ ଶୀତ
ଗାଏ ମଉଜରେ ମାଟି ।।
ଶୀତ ଅବା ସାତଦରିଆ ସେପାରି
ସାଧବ ପୁଅର ସ୍ମୃତି
ଶୀତ କାର୍ତ୍ତିକର ହବିଷ ହାଣ୍ଡିରେ
ପୁଣ୍ୟର ପ୍ରତିଶ୍ରୁତି ।।
ଶୀତ ମହମହ ମାଟି ଅଗଣାରେ
କୁହୁଳା ଦୀପର ଦାଗ
ଶୀତ ମୋ ବୋଉର ଘାଣ୍ଟ ତରକାରି
ବାଡି ମଦରଙ୍ଗା ଶାଗ ।।



## ଶ୍ରୀହରି

**ଅଜୟ କୁମାର ନାଏକ**, + ୨ ୧ମ ବର୍ଷ ବିଜ୍ଞାନ

ଭାଙ୍ଗି ଯାଉ ପଛେ ଏ ଦୁନିଆ
ଓଦା ହୋଇ ଯାରେ ରକତରେ ଭିଜି
ମୋ ଓଠରେ ଥିବ ଆନନ୍ଦର ହସ
ହୋଇଯାଏ ଯଦି ମୁଁ ପାଉଁଶ ।।
ହାରିଯିବ ଏଠି ମହାପ୍ରଳୟ
ଜିତିବା ଆମେ ଜିତିବ ଏ ଦୁନିଆ
ଈଶ୍ୱରଙ୍କ ହେବ ଜୟ
ଏ ଦୁନିଆ ପାଇଁ ପଛେ
ଯାଏ ମୁଁ ମରି ଯାଏ ମୁଁ ସରି
ମରିବା ଯାକ ଥିବା ତୋହରି ନାଁ
କହୁଥିବ ଶ୍ରୀହରି ଶ୍ରୀହରି ।।
ଟିକିଏ ଦୁଃଖ ଟିକିଏ ସୁଖ
ଟିକିଏ ଭକତି ଭାବ
କରିଥିବୁ ଯଦି କେବେ
ସରିଯିବ ନାହିଁ କେବେ ସ୍ୱଭାବ ।।
କରିତ ନାହିଁ କେବେ ଏଜଗତେ ପାପ
ମନରେ ରଖବୁ ଶାନ୍ତିର ଭାବ
ଅନ୍ତକାଳେ ତ ମିଳିବ
ଅଶେଷ ଶକତି
ମନେ ଯଦି ଥାଏ ଭକତି ।।

# ସନ୍ଧ୍ୟା ତାରକା

**ସତ୍ୟବାନ ମାଝୀ** + ୩ ପ୍ରଥମ ବର୍ଷ ବିଜ୍ଞା

ସନ୍ଧ୍ୟା ତାରକା ସକାଳର ଖରା,
ପାରୁନି ତୁମକୁ ଭୁଲି
ପ୍ରେମ ବଗିଚାରେ ଫୁଟିଅଛି ତୋମେ
ସାଜି ଗୋଟେ ପ୍ରିତୀ ମଲ୍ଲୀ
ମନ ଗହଲନରେ ସାଧା କାଗଜରେ,
ଆଙ୍କିଦେଲି ତୁମ ଛବି
ଅଲିଭା ଅକ୍ଷର ଲେଖି ହୋଇଗଲା
ତୁମେ ମୋର ପ୍ରିୟା ବୋଲି ।
ସତ ମୁଁ କହୁଛି ଭଲ ମୁଁ ପାଉଛି
ପାଉଥିବି ସଦା ଭଲ ।
ଭଲ ପାଇବାରେ ଏତିକି ଯାତନା
ମନ ହୁଏ କଲବଲ ।
ତୁମେ ମୋ ମନର ଆଶା ପାରିଜାତ
ହୋଇଛ ମୋ ଆପଣାର
ରୂପ ଗଉରବେ ମୋ ମନ ଜଗିଛି
ସାଥି ତୁମେ ହୃଦୟର ।
ମନ ଦର୍ପଣରେ ପ୍ରତି ମୂହର୍ତ୍ତରେ
ଦେଖୁଛି ତୁମରି ଛବି
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ
ସ୍ମୃତିର ଅଲିଭା ଲିପି ।
ଚାଲୁଥାଅ ଯେବେ ମାଟି ଅଗଣାରେ
ସାଧବ ବୋହୁଟେ ପରି
ତୁମ ରୂପ ଦେଖି ଫୁଲ ତ ମଉଳେ
ଜହ୍ନ ବି ଯାଏ ଲାଜେଇ ।
ଆଖି ଭିଡିଯାଏ ତୁମକଥା ଭାବି
ତୁମକୁ ପାଉଛି ଭଲ
ତୁମେ ଯେଉଁଦିନ ଭଲପାଅ ବୋଲି
ଏକୁଟିଆ କହି ଦେଲ ।
କଥା ଦେଇ କଥା କଖିବ ନିଶ୍ଚୟ
ଏଇ ଆଶା ଅଛି ମୋର
ସେଥିପାଇଁ ମୁହଁ ଦିନ ଗଣୁଅଛି
ଛାତି କି କରି ପଥର ।
ଆସ ସାଥେ ଆମେ ନୀଳ ଆକାଶରେ
ଉଡିଯିବା ଡେଣା ମେଲି
ଭୁଲିଯିବା ଆମେ ଅତୀତରେ କଥା
ଦେଖିବା ସପନ ଖୋଲି ।
ମୋ ପାଇଁ ଆସିଥ ଏଇ ଦୁନିଆରେ
ତୋମେ ତ ରଜନୀଗନ୍ଧା
ରହିଛି ରହିବ ଏଇ ହୃଦୟରେ
ତୋମେ ହିଁ ସତ୍ୟର ସନ୍ଧ୍ୟ



# ଜୀବନର ଲକ୍ଷ୍ୟ

**ଏଲିଶା ରଣା** + ୨ ପ୍ରଥମ ବର୍ଷ ବିଜ୍ଞାନ

ଏ ଜୀବନ ଜୀବନ ନୁହେଁ, ଲକ୍ଷ୍ୟ ଯଦି ନାହିଁ
ଲକ୍ଷ ଆମର ରହିବ ସଦା, ସତ୍ୟର ସେବା ପାଇଁ ।
ଏ ଜୀବନ ଜୀବନ ନୁହେଁ, ଲକ୍ଷ୍ୟ ଯଦି ନାହିଁ,
ଅନ୍ୟର ଦୋଷ ଦେଖିବା ପାଇଁ, ସମୟ ଦେବା ନାହିଁ ।
ନିଜ ସ୍ୱଭାବ କରିବାକୁ ଭଲ, ଚେଷ୍ଟାରେ ଥିବା ରହି
ପ୍ରାର୍ଥନା ସଦା ରହିବ ଆମ ଯୋଗ୍ୟ ହେବା ପାଇଁ ।

## ଚନ୍ଦନ ଗଛ

**ପ୍ରିୟବ୍ରତ ପରିଡା** + ୩ ତୃତୀୟ ବର୍ଷ କଳା

ଚନ୍ଦନ ଗର ଏତେ ଆଦର
ନିଜଠୁ ଅଧିକ ତାକୁ ପଚାର ।
ସେତ ରହିବ ଏମିତି ସ୍ଥାନରେ
ପରିବେଶ ଭରା ଦୂବ ଘାସରେ ।
ରହେ ପ୍ରାକୃତିକ ପରିବେଶରେ
ଚତୁର୍ଦ୍ଦିଗ ପୂର୍ଣ୍ଣ ଗଛଲତାରେ
ସୂର୍ଯ୍ୟାଲୋକ ପଡିଲେ ତା'ଉପରେ
ସୁସ୍ଥ ହୋଇ ବଢେ ପରିବେଶରେ ।
ପାଣି ଦେଉଥିଲେ ପ୍ରତି ସନ୍ଧ୍ୟାରେ
ବଞ୍ଚିରହେ ସେ ମହା ଆନନ୍ଦରେ ।
ବଗିଚାରେ ବଢେ ଅତି ସୂକ୍ଷ୍ମରେ
ବଡ ହେଲେ ସେତ ଲାଗେ ପୂଜାରେ ।
କଇଁ ଜହ୍ନ ରହିଲେବି ଦୂରରେ
ସ୍ନେହ ତାଙ୍କ ଥାଏ ମନ ଭିତରେ ।
କଇଁ ଜହ୍ନର ସମ୍ପର୍କ ଯେପରି
ଚନ୍ଦନ କାହ୍ନାର ସାଥି ସେପରି ।
କାହ୍ନା ଓ ଚନ୍ଦନ ପ୍ରୀତି ତାଙ୍କର
ଚନ୍ଦନ ରହିବ ସେ କାହ୍ନା ମଥାର ।
ବାସେ ସେତ ମଲ୍ଲି ଅତର ପରି
ଚନ୍ଦନ ରହିବ ସେ କୁସୁମ ପରି
ଭକତ ହୋଇବ ଯିଏ କାହ୍ନାର
ଚନ୍ଦନ ନାଇବ ସିଏ ମଥାର



## ପ୍ରଶ୍ନବାଚୀ

**ଅଧ୍ୟାପିକା ସଂଯୁକ୍ତା ମହାନ୍ତି**

ଦେଖିଛ କି ଫଗୁଣକୁ
ଝରିବାକୁ ବସନ୍ତରେ
ଉପେକ୍ଷିତ ଗୋଲାପର ଅମାନିଆ
ଆଖିର ଲୁହରେ
କୁହୁ କୁହୁ କୋଇଲି ତାନରେ
ଅଧା ଝରା ଆମ୍ବ ବଉଳରେ
ଭଅଁରର ପ୍ରତାରଣ ପରେ ?
ଦେଖିଛକି ଶ୍ରାବଣକୁ
ଥରି ଥରି ଝରିବାକୁ
ଶେପାଳିର କଅଁଳ ଓଠରେ
ଯନ୍ତ୍ରଣାରେ ଜର୍ଜରିତ ଅବା କେଉଁ
କୁଆଁରୀର ଅଖିର ଲୁହରେ?

ମୁଁ କିନ୍ତୁ ଦେଖିଛି
ଝୁରେ ଆଜି ଚତୁର୍ଦିଗ
ଅସହାୟା ନାରୀର ଆଖିରେ
ସୃଷ୍ଟିକରେ ଶହ ଶହ ପ୍ରଶ୍ନବାଚୀ
ସମାଜରେ, ତା' ଅସ୍ତିତ୍ୱ ଉପରେ
ତା' ସୁରକ୍ଷାରେ
ତା' ସନ୍ତାନର ନିୟତିରେ
ସର୍ବଂସହା ଧରଣୀ ବୁକୁରେ ।

# नववर्ष वन्दना

देवस्मिता बस

जाते - जाते साल में, दिल का ऐसा हाल
जैसे बेटी जा रही, कल अपने ससुराल।

क्या होगा उस व्यक्त जब, जन्मेगा नव वर्ष
नन्हे हाथों से मुझे, कर लेगा स्पर्श।

ओ प्यारे नववर्ष जी, इतना रुबना ध्यान
बारिश हो भरपुर और, खेतों में धन-धान।

दुर्घटना आतंक से, बचा रहे संसार
मानव पर मानव करें, कहीं न अत्याचार।

बाढ और भुकम्प का, हो न कहीं प्रकोप
न शंका दुर्भिक्ष की, ना ओलों का खौफ।

फिर बदलेंगे डायरी, कैलेण्डर पंचाग
कसमों की नोटंकियां, संकल्पों के स्वांग।

सबको यह उम्मीद है, सबके मन में हर्ष
खुशियों की इक पोटली, खोलेगा नववर्ष।



# स्वच्छ विचार

*- देबस्मिता बस*

बृद्ध को प्यास लगी थी। उनका शिष्य आनन्द एक के पाससे पानी लेने गया। लेकिन कुछ बैलगाडियों के झिल के पास से गुजरने के कारण उसका पानी गन्दा हो गया था। यह देखकर आनन्द लौट आया और उसने बृद्ध से कहा, मैं पीछे छोटी नदी से पानी लेकर आता हुँ। उस झिलका पानी बैलगाडीयों के गुज़रने के कारण गण्दा हो गया है। बृद्धने आनन्द को वापस उसी झरने पर पानी लेने भेजा। लेकिन तब भी पानी साफ न होने के कारण बिना पानी लिए आनन्द वापस लौट आया। ऐसा तीन बार हुआ। परन्तु चौथी बार आनन्द हैरान रह गया, जब उसने देखा कि सब सडे-गले पत्ते नीचे बैठ चुके थे। सारी मिट्टी कहिं दुर बहकर जा चुकी थी। पानी आइने की तरह साफ और स्वच्छ हो गया था। वह पानी भरकर वापस लौट आया। बृद्ध ने कहा, ''आनन्द! हमारी जीवन को भी विचारों की बैलगाडियां रोज़ जंदा कर देती हैं। लेकिन मन के इन विचारों की से हमे भागना नहीं चाहिए, बल्कि मन को झिल के पानी की तरह, कुछ देर शान्त होने का समय दें, तो सब कुछ स्बच्छ हो जाता है, ठिक उसी झिल की तरह।

# ସତ୍ୟ ରକ୍ଷା ପରମ ଧର୍ମ

**କୁମାରୀ ସ୍ନେହଲତା ପରିଡ଼**
+ ୨ ପ୍ରଥମ ବର୍ଷ କଳା

ସମୟର ସୁଅ ଅତି ପ୍ରଖର ଠିକ୍ ନଦୀ ସ୍ରୋତ ଭଳି । ନଦୀ ସ୍ରୋତକୁ ଯେପରି ବନ୍ଧ ଦେଇ ଅଟକାଇ ହୁଏନା ସେହିପରି ସମୟକୁ ମଧ୍ୟ ଗାଣ ଦେଇ ରୋକି ହୁଏନା । ମଣିଷ ମଧ୍ୟ ସର୍ତ୍ତ ରଖେ ବିପଦ ପଡିଲେ କିନ୍ତୁ ସମୟର ଚକା ଭଉଁରୀରେ ସେସବୁ ଭୁଲିଯାଏ । ସେ ସେତେବେଳେ ଧର୍ମକୁ ନ ଚାହିଁ ସୁଖ ଚାହେଁ କିନ୍ତୁ ମଣିଷର ଜାଣି ରଖିବା ଉଚିତ୍ ସତ୍ୟ ରକ୍ଷା ପରମଧର୍ମ । ସେହି ସତ୍ୟ ରକ୍ଷା ପାଇଁ କେତେକ ଲୋକ ଅମିରରୁ ଫକୀର ଏବଂ ଫକୀରରୁ ଅମୀର ହୋଇଛନ୍ତି ସେହିମାନଙ୍କ ଭିତରୁ ରାଜା ହରିଶ୍ଚନ୍ଦ୍ର ଅନ୍ୟତମ । ତେଣୁ ତାଙ୍କ ନାଁ ଉଲ୍ଲେଖଯୋଗ୍ୟ ।

ଆଗ କାଳରେ ତ ଲୋକମାନେ ଚାଲି ଚାଲି ତୀର୍ଥ କରିବାକୁ ଯାଉଥିଲେ । ଏକ ବ୍ରାହ୍ମଣ ପଣ୍ଡିତ ମଧ୍ୟ ଠିକ୍ ଭାବରେ ତୀର୍ଥ ଯିବା ପାଇଁ ଜଣେ ଯୁବକ ସନ୍ଧାନରେ ବାହାରିଲେ । ଶେଷରେ ସେ ଏକ ବାରିକ ପୁଅ ପାଖରେ ପହଞ୍ଚିଲେ ତାକୁ ରାଜି କରି ଶୁଭ ବେଳାରେ ତୀର୍ଥ କରିବାକୁ ଗଲେ ।

ଭାରତର ପବିତ୍ର ତୀର୍ଥସ୍ଥାନ କାଶୀ, ପଣ୍ଡିତେ ଓ ଅବୋଲକରା ଗଲେ ସେଠାକୁ ତୀର୍ଥ କରିବାକୁ । ବୁଲୁ ବୁଲୁ ଅନୋଲକରା ଯାଇ ଗୋଟିଏ ଛୋଟ ବୋହୁ ମୂର୍ତ୍ତି ପାଖରେ ପହଞ୍ଚିଲା । ସେ ଦେଖିଲା ଗଙ୍ଗା କୂଳରେ ଯେତେ ନାରୀମାନେ ଗାଧୋଇ ସମସ୍ତେ ସ୍ନାନ ଶେଷରେ ଧୂପ ଦୀପ ଦେଇ ମୂର୍ତ୍ତିଟିକୁ ପୂଜା କରୁଛନ୍ତି । ମୂର୍ତ୍ତି ଦେହରେ ସିନ୍ଦୁର ବୋଳି ସେହି ମୂର୍ତ୍ତି ମୁଣ୍ଡରୁ ସିନ୍ଦୁର ଆଣି ନିଜ ମୁଣ୍ଡ ମାନଙ୍କରେ ଲଗାଉଛନ୍ତି । ଏହି ଦୃଶ୍ୟକୁ ଦେଖି ଅବୋଲକରା ଯାଇ ପହଞ୍ଚିଲା ଏବଂ ଦେଖିଥିବା କଥା ବର୍ଣ୍ଣନା କଲା ପଣ୍ଡିତଙ୍କ ପାଖରେ । ପଣ୍ଡିତେ ତାହାକୁ କହିଲେ ସନ୍ଧ୍ୟା ଧୂପ ସାରିଦିଏ ତା'ପରେ ଦେଖିଥିବା ଘଟଣାବଳୀ ମୁଁ ତତେ କହିବି । ପଣ୍ଡିତେ ଏହା କହି ଘଟଣାକୁ ମନେ ମନେ ସ୍ଥିର କରି କହିଲେ -

ଖାଇ ପାନ ଖଣ୍ଡେ ବୋଲ ତୁ କର
କହିବି କାହାଣୀ ଶୁଣିବୁ ସାର ।
ଅବୋଲକରାରେ ବୋଲ ତୁ ମାନ
ଶୁଣିବାକୁ କଥା ରଖତୁ ଧ୍ୟାନ ।

ଅବୋଲକରାର କଥା ଯେବେ ଶୁଣିବ ତେବେ ଧ୍ୟାନ ରଖ ମୋ ଆଡେ । ଏହା କହି ପଣ୍ଡିତେ ଜାଣିଥିବା କାହାଣୀ ଆରମ୍ଭ କଲେ । ପୂର୍ବେ ଅଯୋଧ୍ୟାର ରାଜା ଥିଲେ ହରିଶ୍ଚନ୍ଦ୍ର । ସେ ଥିଲେ ଭାରତ ଭୂମିର ସମ୍ରାଟ । ସେ ଦୟା, ଦାନ, ବୀରତ୍ୱ ଓ ଧାର୍ମିକ ଥିଲେ । ସେ ଦାନପଣରେ ପୃଥିବୀରେ ବିଖ୍ୟାତ ଅର୍ଜନ କରିଛନ୍ତି । ସେ ଦୁଃଖୀରଙ୍କିମାନଙ୍କୁ ଧନ ଯାଚି ପୁଣ୍ୟ ଅର୍ଜନ କରୁଥିଲେ । ପ୍ରଜାମାନଙ୍କୁ ପୁଅ ପରି ଦେଖୁଥିଲେ । ପ୍ରଜାମାନଙ୍କର କିଛି ଅସୁବିଧା ହେଲେ ସେ ପ୍ରଜାମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରି ଦେଉଥିଲେ । ତାଙ୍କର ଏକମାତ୍ର ରାଣୀ ଥିଲେ ଶୈବ୍ୟା ଓ ଏକମାତ୍ର ପୁଅଥିଲେ ରୋହିତ ।

ରାଜା ହରିଶ୍ଚନ୍ଦ୍ର ବୀର ଏବଂ ଦାନୀ ଥିଲେ । ତାଙ୍କର ଦାନ ଅତୁଳନୀୟ । ଦେବତାମାନେ ତାଙ୍କ ଦାନ ଦେଖି ଭୟ କରି ଗଲେ । ଇନ୍ଦ୍ର ଭାବିଲେ ତାଙ୍କ ରାଜଗାଦି ନେଇଯିବେ ତେଣୁ ସେ କପଟ କରି ବିଶ୍ୱାମିତ୍ରଙ୍କୁ ପଠାଇଲେ ହରିଶ୍ଚନ୍ଦ୍ରଙ୍କର ଦାନ ପଣ ଭାଙ୍ଗି ଧର୍ମ ନଷ୍ଟ କରିବାକୁ । ବିଶ୍ୱାମିତ୍ର ଦିନେ ଅଯୋଧ୍ୟାରେ ପହଞ୍ଚି ହରିଶ୍ଚନ୍ଦ୍ରଙ୍କୁ ଦେଖା କଲେ । ହରିଶ୍ଚନ୍ଦ୍ର ଋଷିଙ୍କୁ ଦେଖି ସିଂହାସନରେ ବସାଇ ପୂଜା କରିବାକୁ ଲାଗିଲେ । ତା'ପରେ ନିଜର ଗୁଣଗାନ ଆରମ୍ଭ କଲେ । ବିଶ୍ୱାମିତ୍ର ରାଗିଗଲେ କହିଲେ ତୁମେ ଏତେ ଗର୍ବ କରୁଛ କ'ଣ ? ତୁମେ ନିଜେ ନିଜର ଗୁଣଗାନ କରୁଛ । ହେଉ ତେବେ ମୋତେ ଦାନ ଦେଇ ସନ୍ତୁଷ୍ଟ କରାଅ । ରାଜା ଋଷିଙ୍କଠାରୁ ଏକଥା ଶୁଣି ଖୁସି ହୋଇଗଲେ କହିଲେ କୁହ ଋଷି ! ତୁମେ କ'ଣ ଚାହଁ ? ଋଷି କହିଲେ ତୁମେ ସତ୍ୟକର । ରାଜା ତ୍ରିବାର ସତ୍ୟ କଲେ ।

ତା'ପରେ ଋଷି କହିଲେ ମୁଁ ତୁମର ରାଜ୍ୟ, ଧନ,

ଦୌଲତ, ପ୍ରଜା ଓ ରାଜସିଂହସନ ଚାହେଁ । ହଁ ମନେରଖ ତୁମେ ଖଣ୍ଡିଏ ଲୁଗାପିନ୍ଧି ତୁମର ସ୍ତ୍ରୀ ଏବଂ ପୁଅକୁ ଧରି ଏ ରାଜ୍ୟ ଛାଡି ପଳାଅ । ରାଜା ମନେମନେ ଭାବିଲେ ଏ ନିଷ୍ଚୟ ଠାକୁରଙ୍କ ପରୀକ୍ଷା, ହଉ ମୁଁ ତ ସତ୍ୟ କରିଛି । ସେ ନିଜର ମୁଣ୍ଡରୁ ମୁକୁଟ ଦେହରୁ ପୋଷାକ କାଢି ରଖିଲେ । ତା'ପରେ ସ୍ତ୍ରୀ ଏବଂ ପୁଅ ସବୁ ଜିନିଷ କାଢି ରାଜ୍ୟ ଛାଡି ପଳାଇଲେ । ଋଷି ଏହା ଦେଖି ବିସ୍ମିତ ହୋଇପଡିଲେ । ଇନ୍ଦ୍ର ଏହା ଦେଖି ଏବଂ ଶୁଣି ମନରେ ଭାବିଲେ ଏହି ଦାନ ଅତୁଳନୀୟ, ଅନ୍ୟ କେଉଁ ଉପାୟରେ ଏହାର ଧର୍ମ ନଷ୍ଟ କରିବା ପାଇଁ ବିଚାର କରି ଋଷିଙ୍କୁ କହିଲେ । ମହର୍ଷି ରାଜା ଆପଣଙ୍କୁ ଦାନ ଦେଲେ ଦକ୍ଷିଣାତ ଦେଇ ନାହାନ୍ତି । ଏଥର ତୁମେ ଯାଇ ରାଜାଙ୍କୁ ତିନିଲକ୍ଷ ସ୍ୱର୍ଣ୍ଣ ମୁଦ୍ରା ଦକ୍ଷିଣା ସ୍ୱରୂପ ମାଗ । ସେ ନଦେଇ ପାରିଲେ ଅଭିଶାପ ଦିଅନ୍ତୁ ଯେପରି ତାର ଧର୍ମ ନଷ୍ଟ ହୋଇଯିବ ।

ଦେବତାଙ୍କ କଥା କିଏ ଆଉ ନମାନିବ । ଋଷି ସେଠାରୁ ସଙ୍ଗେ ସଙ୍ଗେ ରାଜାଙ୍କୁ ଖୋଜି ବାହାରିଲେ । କିଛିବାଟ ଯିବାପରେ ଋଷି ଦେଖିଲେ ଗଛ ତଳେ କୁଡିଆ କରି ସ୍ତ୍ରୀ ଏବଂ ପୁଅକୁ ନେଇ ଭିକ୍ଷା ବୃତ୍ତି କରି ଚଳୁଛନ୍ତି । ଋଷି ଯାଇ ରାଜାଙ୍କ ପାଖରେ ପହଞ୍ଚିଲେ ଋଷିଙ୍କୁ ଦେଖି ରାଜା ପ୍ରଣାମ କଲେ । କିନ୍ତୁ ଋଷି ରାଜାଙ୍କୁ କହିଲେ ଭଣ୍ଡତୁ କେଉଁଠାରେ ଥିଲୁ ଦାନ ଦେଲୁ ଦକ୍ଷିଣା ନାହିଁ । ମୋତେ ଶୀଘ୍ର ତିନି ଲକ୍ଷ ସ୍ୱର୍ଣ୍ଣ ମୁଦ୍ରା ଆଣିଦିଅ । ଦାନ ଦେଇ ଦକ୍ଷିଣା ନଦେଲେ ଦାନର ମୂଲ୍ୟ କିଛି ରହେନି । ଯଦି ଦକ୍ଷିଣା ନଦେଇ ପାରିବ ତେବେ ତୁମେ ଦେଇଥିବା ଦାନ ଫେରାଇ ନିଅ ମୁଁ ଯାଉଛି ।

ହରିଶ୍ଚନ୍ଦ୍ର ରାଜା କାନ୍ଦି ପକାଇଲେ । କହିଲେ ମୋତେ କ୍ଷମା କରିଦିଅ । ମୁଁ ତୁମକୁ ଦାନ ଦେଇଛି ନିଷ୍ଚୟ ଦକ୍ଷିଣା ଦେବି । ଏହି ସୂର୍ଯ୍ୟ ବଂ ଶରେ ତୁମେ କଳଙ୍କ ଲଗାଅ ନାହିଁ । ମୁଁ ଆଉ ଭିକ୍ଷାକୁ ଯିବି ନାହିଁ ତିନିଦିନ ଭିତରେ ମୁଁ ତୁମକୁ ଦକ୍ଷିଣା ଦେବି । ଋଷି କହିଲେ :-

ଦାନ ଦେଇ ତୁ ଦକ୍ଷିଣା ନଦେଲେ
ମୋ ଅଭିଶାପ ଭୋଗିବୁ ଭଲେ
ଧର୍ମ ତୋହର ହୋଇବ ନାଶ
ଏଥର କରିବ ନର୍କରେ ବାସ ।
ଦକ୍ଷିଣା ବ୍ୟବସ୍ଥା ଶିଘ୍ର କରିବୁ
ଧର୍ମକୁ ସାଙ୍ଗରେ ନେଇ ବୁଲିବୁ ।

ଋଷିଙ୍କ ରାଗକୁ ଶାନ୍ତ କରାଇ ଶୈବ୍ୟାଙ୍କୁ ଯାଇ କହିଲେ ଏ ହେଉଛି ଦେବତାଙ୍କ କୂଟନୀତି । ସେ ଆମକୁ ପରୀକ୍ଷା କରୁଛନ୍ତି । ମୁଁ ଯାଉଛି ବିକ୍ରୟ ହୋଇ ଦାନ ପାଇଁ କିଛି ଦକ୍ଷିଣା ଯୋଗାଡ କରିବି ନହେଲେ ଧର୍ମ ଦ୍ରୋହୀ ହୋଇଯିବି । ଏକଥା ଶୁଣି ରାଣୀ ବହୁତ ମନ ଦୁଃଖ କଲା । ସେ କହିଲା ସ୍ୱାମୀ ହେଉଛନ୍ତି ସ୍ତ୍ରୀର ସର୍ବସ୍ୱ । ତେଣୁ ତୁମେ ଆଗ ବିକ୍ରି ନହୋଇ ଆଗ ମତେ ବିକ୍ରି କର ତେବେ ଯାଇ ତୁମେ ବିକ୍ରି ହେବା ପୁଅକୁ ଏବଂ ମୋତେ ଆଗ ନିଅ । ଏହା ଶୁଣି ଦାନୀ ହରିଶ୍ଚନ୍ଦ୍ର ପୁଅ ଏବଂ ସ୍ତ୍ରୀକୁ ନେଇ ବିକ୍ରୟ ପାଇଁ ବାହାରିଲେ । ରାସ୍ତାରେ ଦାସୀ କିଏ ନେବ ବୋଲି ଡାକ ପକାଇଲେ । ଗୋଟିଏ ସୌଦାଗର ଦାସୀଟିଏ ଖୋଜୁଥିଲେ । ସେ ଖୁସି ହୋଇ ଦୁଇ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଦେଇ ଶୈବ୍ୟା ଏବଂ ରୋହିତକୁ କିଣିନେଲେ । ରାଜା ନିଜେ ଗୋଟିଏ ଚଣ୍ଡାଳ ପାଖରେ ବିକ୍ରି ହୋଇ ସ୍ୱର୍ଣ୍ଣ ମୁଦ୍ରା ଋଷିଙ୍କୁ ଦେଲେ । ହରିଶ୍ଚନ୍ଦ୍ର ଚଣ୍ଡାଳ ପାଖରେ ଯାଇ ଶ୍ମଶାନ ଜଗୁଥିଲେ ।

ଶୈବ୍ୟା ସେହି ସୌଦାଗରର ସବୁ କାମ କରେ ରୋହିତ ଫୁଲ ତୋଳି ମାଳା ଗୁନ୍ଥେ । ସେଥିରେ ମଧ୍ୟ ତାକୁ ବହୁତ ମାଡ ଗାଳି ସହ୍ୟ କରିବାକୁ ପଡୁଛି । ଧର୍ମର ପରୀକ୍ଷା ଶେଷ ହେଲା ନାହିଁ । ଦିନେ ରୋହିତ ଫୁଲ ପାଇଁ ପୋଖରୀକୁ ଗଲା ସେଠାରେ ତାକୁ ସର୍ପାଘାତ କଲା । ସେ ସେହିଠାରେ ମୃତ୍ୟୁବରଣ କଲା । ଶୈବ୍ୟା ବହୁତ ଗାଳି ଶୁଣିଲା. ମଲା ପୁଅକୁ କାନ୍ଧରେ ପକାଇ ସେ ହରିଶ୍ଚନ୍ଦ୍ର ଜଗିଥିବା ମଶାଣିକୁ ଗଲା । ଶ୍ମଶାନର ଦ୍ୱାରପାଳ କଉଡି ନଦେଲେ ପୋଡିବନି ବୋଲି ମନା କଲା । ଶୈବ୍ୟା କଣ କରିବ ପୁଅର ଗୁଣ ଗାଇ ବାହୁନିବାକୁ ଲାଗିଲା । କିଛି ସମୟ ପରେ ରାଜା ହରିଶ୍ଚନ୍ଦ୍ର ତାକୁ ପଚାରିଲେ ତୁମେ କିଏ ? ଶୈବ୍ୟା ତା'ର ସବୁକଥା ରାଜାଙ୍କୁ କହିଲା । ମେଘ ଅନ୍ଧକାରରେ ରାଜା ଖୁବ୍ ଶିଘ୍ର ନିଜ ସ୍ତ୍ରୀ ପୁଅକୁ ଚିହ୍ନି ପାରିଲେ । ସେ ରାଣୀ ସହିତ ପୁଅକୁ କୁଣ୍ଢାଇ କାନ୍ଦିଲେ ।

ଦୁଃଖରେ ଅଧିର ହୋଇ ରାଜା ହରିଶ୍ଚନ୍ଦ୍ର ଅଗ୍ନି ଜାଳି

ପୁତ୍ର ଭାର୍ଯ୍ୟା ସହ ଭସ୍ମ ହେବାକୁ ବସନ୍ତେ ବିଶ୍ୱାମିତ୍ର ସେଠାରେ ଯାଇ ପହଞ୍ଚି ପ୍ରଶଂସା କରି ମନ୍ତ୍ର ପାଣି ଛିଞ୍ଚି ପୁଅଟିକୁ ବଞ୍ଚାଇ ଦେଲେ । ତା'ପରେ ରାଜାଙ୍କୁ ତାଙ୍କ ରାଜ୍ୟ ଦେଇ ସେଠାରୁ ଗଲେ । ରାଜା ରାଜ୍ୟକୁ ଫେରି ପୁଅ ମୁଣ୍ଡରେ ମୁକୁଟ ପିନ୍ଧାଇ ତାକୁ ରାଜ୍ୟଭାର ଦେଲେ । ସ୍ୱର୍ଗକୁ ପ୍ରତ୍ୟାଖ୍ୟାନ କଲେ ରାଣୀ ଶୈବ୍ୟାମଧ୍ୟ ସଦେହରେ ସ୍ୱର୍ଗକୁ ଗଲେ ।

ରାଜାଙ୍କର ଏହି ସତ୍ୟରକ୍ଷା ପାଇଁ ସେ ପୁନର୍ବାର ରାଜ୍ୟ ଫେରିପାଇଲେ । ଆଉ ଏକ କାହାଣୀ ମଧ୍ୟ ସତ୍ୟ ଉପରେ ଆଧାରିତ ।

ଏକଦା ଗୋଟିଏ ରାଜ୍ୟ ରେ ଗୋଟିଏ ରାଜାଥିଲେ ସେ ପ୍ରଜାବତ୍ସଳ ଥିଲେ । ରାଜା ତାଙ୍କ ରାଜ୍ୟରେ କାହାରିକୁ ଗରିବ ଦେଖିବା ପାଇଁ ଚାହୁଁନଥିଲେ । ଏକଗ୍ରାମରେ ଗୋଟିଏ ଦରିଦ୍ର ବ୍ରାହ୍ମଣ ମଧ୍ୟ ଥିଲା ରାଜା ଥରେ ଘୋଷଣା କଲେ ତାଙ୍କ ରାଜ୍ୟରୁ କାହାରିକୁ ଯାଇ ବାହାରେ ହାଟ କରିବା ଦରକାର ନାହିଁ । ଆଜି ଠାରୁ ସମସ୍ତେ ଯାଇ ରାଜାଙ୍କ ବାଡିରେ ହାଟ ବସାଇବେ । ଯେଉଁ ଜିନିଷ ବିକ୍ରି ନ ହୋଇ ବଳିବ ସେ ଜିନିଷକୁ ରାଜା ଉଚିତ୍ ମୂଲ୍ୟରେ କିଣିବେ ।

ଏହି କଥାରେ ପ୍ରଜାମାନେ ଖୁସି ହୋଇ ରାଜାଙ୍କ ବାଡିରେ ହାଟ ବସାଇଲେ । ରାଜା କରିଥିବା ସତ୍ୟ ଦ୍ୱାରା ସମସ୍ତ ଅବିକ୍ରୟ ଜିନିଷକୁ କ୍ରୟ କଲେ । ତେଣୁ ତାଙ୍କ ରାଜ୍ୟରେ ଆଉ ଅଭାବ ଦେଖାଦେଲା ନାହିଁ । ଦରିଦ୍ର ବ୍ରାହ୍ମଣ ମଧ୍ୟ ଭିକ୍ଷା ବୃତ୍ତି କରି ଚଳୁଥାଏ କିନ୍ତୁ ଲୋକମାନେ ତାକୁ ଆଉ ଭିକ୍ଷା ଦେଲେ ନାହିଁ ଏଥର ସେ ଦୁଃଖରେ ଭାଙ୍ଗି ପଡିଲା । କାରଣ ତା'ର କୁଟୁମ୍ବ ପାଳିବା ପାଇଁ ସେ ଅସମର୍ଥ ହୋଇ ଯାଇଥିଲା । ବ୍ରାହ୍ମଣର ସ୍ତ୍ରୀ ତାକୁ ରାଜାଙ୍କ ସତ୍ୟ ବିଷୟରେ କହିଲା କିନ୍ତୁ ତା'ଘରେ ବିକ୍ରୟ ପାଇଁ କୌଣସି ଜିନିଷ ନଥିଲା । ତା'ର ସ୍ତ୍ରୀ ତାକୁ ତା'ର ଦାରିଦ୍ର୍ୟ ବିକ୍ରି କରିବାକୁ କହିଲା । ସେ ତା'ର ଦାରିଦ୍ର୍ୟ ମାନେ ଛିଣ୍ଡା ଜିନିଷ ସବୁ ବିକ୍ରି କରିବାକୁ ହାଟକୁ ବ୍ରାହ୍ମଣକୁ ପଠାଇଲା । ହେଲେ ତା'ର ଜିନିଷ କେହି ହାଟରେ କିଣିଲେ ନାହିଁ । ବ୍ରାହ୍ମଣ ମନ ଦୁଃଖରେ ବସିଥାଏ ରାଜା ହାଟକୁ ଆସିଲେ ବୁଲି ଦେଖିଲେ ସେଦିନ ସମସ୍ତଙ୍କ ଜିନିଷ ବିକ୍ରି ହୋଇଯାଇଥିଲା କିନ୍ତୁ ଗରିବ ବ୍ରାହ୍ମଣର ଜିନିଷ କିଛି ବିକ୍ରି ହୋଇ ନଥିଲା । ଏହା ଦେଖି ରାଜା ତାକୁ ଉପଯୁକ୍ତ ଟଙ୍କା ଦେଇ ତା'ର ଦାରିଦ୍ର୍ୟକୁ କ୍ରୟ କଲେ । ଦରିଦ୍ର୍ୟ କ୍ରୟ କରିବା ଦ୍ୱାରା ଧୀରେ ଧୀରେ ଅଭାବ ଦେଖା ଦେଲା । ରାଜଉଆସରେ ଥିବା ନାରାୟଣ ଘର ଛାଡି ପଳାଇଲେ । ସେଦିନ ରାଜା ବନ ବିହାର କରିବାକୁ ଯାଇଥିଲେ ଫେରିବା ବାଟରେ ଦେଖିଲେ ଗୋଟିଏ ଯୁବକ କାନ୍ଦି କାନ୍ଦି ରାସ୍ତାରେ ଯାଉଛି । ଏହା ଦେଖି ରାଜା ପଚାରିଲେ ତୁମ୍ଭେ କିଏ କାହିଁକି କାନ୍ଦୁଛ । ଏହାଶୁଣି ଯୁବକଟି କହିଲା । ମୁଁ ନାରାୟଣ ରାଜା ଦାରିଦ୍ର୍ୟ କିଣିବାରୁ ମୁଁ ରାଜ୍ୟ ଛାଡି ପଳାଉଛି । ରାଜା ତାଙ୍କୁ ଆଶ୍ୱାସନା ଦେଇ କହିଲେ ଆପଣ ପୁଣିଥରେ ରାଜ ଉଆସକୁ ଫେରି ଚାଲନ୍ତୁ । କିନ୍ତୁ ନାରାୟଣ କହିଲେ ଆଉ ସମ୍ଭବ ନୁହେଁ । ରାଜା ପୁଣି ଘୋଡା ଚଢି ଚାଲିଲେ ରାଜ ଉଆସକୁ ଦେଖିଲେ ଗୋଟାଏ ନାରୀ କାନ୍ଦି କାନ୍ଦି ଆସୁଛି ତା'ର କାନ୍ଦିବାର ଅଭିପ୍ରାୟ ପଚାରିବାକୁ ଯାଇ ରାଜା କହିଲେ ତୁମେ କିଏ ଏହା ଶୁଣି ନାରୀଟି କହିଲା । ମୁଁ ଲକ୍ଷ୍ମୀ ରାଜା ତାଙ୍କୁ ମଧ୍ୟ ଘରକୁ ଡାକିଲେ କିନ୍ତୁ ସେବି ଫେରିବେ ନାହିଁ ବୋଲି କହିଲେ । ଏମିତି ବାଟରେ ଯାଉ ଯାଉ ଆଉ ଏକ ପୁରୁଷକୁ ଭେଟିଲେ ତାଙ୍କୁ ପଚାରିବାରୁ ସେ କହିଲେ ରାଜା ତ ଦାରିଦ୍ର୍ୟ କିଣିଛନ୍ତି ତେଣୁ କୁବେର ଏଠି ରହି ପାରିବ ନାହିଁ । ଏମିତି ରାସ୍ତାରେ ସେ ସମସ୍ତଙ୍କୁ ଭେଟିଲେ ଧର୍ମ ମଧ୍ୟ ରାଜ୍ୟ ଛାଡି ପଳାଇ ଗଲେ । ଶେଷରେ ରାଜା ମନଦୁଃଖରେ ଘରେ ପହଞ୍ଚିଲେ ଦେଖିଲେ ଯୁବକ ବାହାରି ଯାଉଛି ତାକୁ ରାଜା ପଚାରିଲେ ତୁମ୍ଭେ କିଏ ? ସେ କହିଲେ ମୁଁ ସତ୍ୟ ମୁଁ ମଧ୍ୟ ଏଠାରେ ଆଉ ରହିବି ନାହିଁ । ଏହା ଶୁଣି ରାଜା କାନ୍ଦି ପକାଇଲେ । କହିଲେ ତୁମ ପାଇଁ ଆଜି ମୁଁ ଫକୀର, ସମସ୍ତେ ରାଜ ଉଆସରୁ ବାହାରି ଯାଉଛନ୍ତି । କିନ୍ତୁ ତୁମ୍ଭେ ଯାଇ ପାରିବ ନାହିଁ । ଏହା ଶୁଣି ସତ୍ୟ କହିଲେ କାହିଁକି ଯାଇ ପାରିବି ନାହିଁ । ରାଜା କହିଲେ ମୁଁ ସତ୍ୟ କରିଥିଲି ଯିଏ ମୋ ବାଡିରେ ହାଟ କରିବ ମୁଁ ବଳକା ଜିନିଷ କିଣିବି । ମୁଁ ସତ୍ୟରକ୍ଷା ପାଇଁ ବାହ୍ମଣର ଦାରିଦ୍ର୍ୟ କିଣିଲି । ସତ୍ୟରକ୍ଷା ପାଇଁ ଆଜି ମୁଁ ସର୍ବହରା; ଏହା ଶୁଣି ସତ୍ୟ ଫେରିଆସିଲେ ରାଜ ଉଆସକୁ; କିଛି ସମୟ ପରେ ଧର୍ମ ଫେରିଆସିଲେ । ତା'ପରେ କୁବେର ଏହିପରି ଭାବରେ ସମସ୍ତେ ରାଜ ଉଆସକୁ ଫେରିଆସିଲେ । କାରଣ ରାଜା ସତ୍ୟ କରି ସତ୍ୟ ରକ୍ଷା କରିଥିଲେ ।

# ତୋରଣ ଓ ସୁନା ଫୁଲ

କୁମାରୀ ସୌଭାଗ୍ୟ ବେହେରା
+ ୨ ପ୍ରଥମ ବର୍ଷ କଳା

ପଣ୍ଡିତ ତୀର୍ଥ ଦର୍ଶନ ପାଇଁ ଅବୋଲକରାକୁ ସାଙ୍ଗରେ ଧରି ବାହାରି ପଡିଲେ । ବନ-ଗିରି-ଝରଣା ଇତ୍ୟାଦି ପ୍ରାକୃତିକ ଶୋଭାରେ ସୁଶୋଭିତ ଜଙ୍ଗଲ ରାସ୍ତା ପାରି ହୋଇ ବୃନ୍ଦାବନ ଧାମ ରାସ୍ତା ଅଗ୍ରସର ହେଲା । ଦିନସାରା ବାଟ ଚାଲି ଚାଲି ଥକ୍‌କା ଲାଗୁଥାଏ ପଣ୍ଡିତଙ୍କୁ ନିକଟରେ ଏକ ଶିବ ମନ୍ଦିର ଦେଖି ସେଠାରେ ରାତ୍ରି ଯାପନ ପାଇଁ ପଣ୍ଡିତ ମହାଶୟ ଇଛା କରି ଆବୋଲକରାକୁ କହିଲେ :-

ବସରେ ବାବୁ ଅବୋଲକରା
ରଖ ଗଣ୍ଠିଲି ଏଠି,
କମ୍ବଳ ପକା କରେଇ ରକ୍‌କା
ଥକା ମୋ ଯିବ ମେଣ୍ଟି ।
ଶିବ ମନ୍ଦିର ଝରଣା ଜଳ
ପଦ୍ମ ପୋଖରୀ ସେଠି,
ହାଟକୁ ଯିବୁ ସବୁ ଆଣିବୁ
ରାତିଟା ଯିବ କଟି ।

ପଣ୍ଡିତ କହିଲେ ଅବୋଲକରା ମୁଁ ଯାଉଛି ନିତ୍ୟକର୍ମ ସାରିବି । ତୁମେ ପାଖରେ ଥିବା ଦୋକାନରୁ କିଛି ଚାଉଳ, ଡାଲି ଓ ପରିବା ସଂଗ୍ରହ କରି ଆଣି ରୋଷେଇ କରି ଖାଇ ନେବା । ଅବୋଲକରା ଖୁସି ହୋଇ ପଇସା ନେଇ ସଉଦା ଆଣିବାକୁ ବାହାରି ପଡିଲା । ସେ ରାଜବାଟୀର ତୋରଣ ଉପରେ କେତୋଟି ସୁନାର ପଦ୍ମ ଫୁଲ ଖଞ୍ଜା ହୋଇଥିବାର ଦେଖିଲା । ଏହି ସବୁ ଦେଖି ଅବୋଲକରା ସଉଦା ଆଣିବା ବଦଳରେ ଧାଇଁ ଆସି ପଣ୍ଡିତଙ୍କ ପାଖରେ ପହଞ୍ଚି ପଣ୍ଡିତଙ୍କୁ କହିଲା :-

କୁହହେ ପଣ୍ଡିତେ କଥାର ମଞ୍ଜି
ତୋରଣେ ସୁନାଫୁଲ ରହିଛି ଖଞ୍ଜି ।
ଜଗି ରହିଛନ୍ତି ପ୍ରହରୀ ମାନ
ବୁଝାଇଲେ ସ୍ଥିର ହୋଇବ ମନ ।

ଅବୋଲ କରା ହେଲା ଏକଜିଦିଆ ପିଲା ସେ ଯାହା ବୁଝିଥିବ ସେୟା । ପଣ୍ଡିତଙ୍କ ବିନା ସେ କାହା କଥାରେ ବିଶ୍ୱାସ କରେ ନାହିଁ । ତେଣୁ ସେ ପଣ୍ଡିତଙ୍କୁ ଆସି କହିଲା । ତୁମ୍ଭେ ଏ ରହସ୍ୟଟି ମତେ ଅତିଶିଘ୍ର କୁହ । ନହେଲେ ମୁଁ ମୋ ବାଟରେ ଯିବି ତୁମେ ତୁମ କଥା ବୁଝିବ ।

ଅବୋଲକରା ଠାରୁ ଏ ବିଷୟ ଶୁଣି ପଣ୍ଡିତ ଆଉ ରୋଷେଇ କରି ଖାଇବେ କ'ଣ । ସେ ଜାଣନ୍ତି ଅବୋଲକରା ବୋକା ଏବଂ ଏକଦିଜିଆ ମଣିଷ ଏ ବିଷୟରେ ନ ବୁଝାଇଲେ ସେ ଯାହା ବୁଝିଥିବ ସେୟା କରିବ । ତେଣୁ ପଣ୍ଡିତ କହିଲେ ସନ୍ଧ୍ୟା ପାଠ ସାରିଦିଏ, ତୁ ଚୂଲା ଖୋଳା ବ୍ୟବସ୍ଥା କରୁଥା ମୁଁ ବୁଝାଇବି ।

ପଣ୍ଡିତ ନିତ୍ୟକର୍ମ ସାରି ଦୀପଟିଏ ଲଗାଇ ଦେଇ ଗଣ୍ଠିଲିରେ ଯାହା ଥିଲା ସେୟାକୁ ରୋଷେଇ ବସାଇ ଦେଇ ଅବୋଲକରାକୁ ପାଖରେ ବସାଇ ତା'ର ଆଶ୍ଚର୍ଯ୍ୟ କଥାକୁ ପ୍ରକାଶ କଲେ ।

ବହୁ ବର୍ଷର କଥା । ଏଠାରେ ଜଣେ ରାଜା ବାସ କରୁଥିଲେ, ସେ ଦୟାଳୁ, ଧାର୍ମିକ ଓ ବୀର ଶ୍ରେଷ୍ଠ ଥିଲେ । ରାଜାଙ୍କର ଛଅଟି ରାଣୀ । କିନ୍ତୁ କାହାରି କୋଳରେ ପିଲାଟିଏ ହୋଇ ନଥିଲେ । ରାଜା ବହୁ ଯଜ୍ଞ କରି ଶେଷରେ ଦୁର୍ଗାଙ୍କର ପୂଜା ପାଠ କରିଥିଲେ । ମା'ଜଗତ ଜନନୀ ଦୁର୍ଗା ରାଜାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ କନକ ପୁରର ଦୁର୍ଗାଙ୍କୁ ପୂଜା ଦେବାକୁ କହିଲେ । ଆହୁରି ମଧ୍ୟ ସତର୍କ କରାଇ ଦେଲେ । ରାଜା ତୁମର ଏହି ରାଣୀମାନଙ୍କର ମଧ୍ୟରୁ କାହାରି ଗୋଟିଏ ହେଲେ ସନ୍ତାନ ହେବ ନାହିଁ । ତୁମେ ପଦ୍ମାବତୀକୁ ବିଭାହୁଅ । ସେ ତୁମକୁ ଅପେକ୍ଷା କରି ବସିଛି । ସେ ମୋର ମାନସୀ କନ୍ୟା । ତାକୁ ବିଭା ହେଲେ ତୁମେ ସନ୍ତାନଟିଏ ପାଇବ ହେଲେ ପଦ୍ମାବତୀକୁ ହରାଇ ମୃତ୍ୟୁ ବରଣ କରିବ ।

ରାଜା ସେତେବେଳେ ପୁତ୍ର ପାଇବାକୁ ବ୍ୟାକୁଳ ଥିଲେ । ପୁତ୍ର ସଙ୍ଗେ ଅପୂର୍ବ ଗୁଣବତୀ କନ୍ୟାର ସନ୍ଧାନ

ପାଇ ସେ ବିପଦ କଥା ଚିନ୍ତା ନକରି ଶୀଘ୍ର ସୈନ୍ୟ ପଠାଇ ସାମନ୍ତ ନେଇ କନକ ପୁରରେ ପହଞ୍ଚି ଦେବୀଙ୍କ ଆଦେଶ ପଠାଇଲେ ରାଜକନ୍ୟାଙ୍କୁ ପାଖକୁ ରାଜାଙ୍କ ଖବର ପାଇ ପଦ୍ମାବତୀ ନିଜର ବ୍ରତ ପୂରଣ ହେଲା ବୋଲି ଜାଣି ପିତାକୁ ଜଣାଇ ଲେ । ପିତା ସସମ୍ମାନରେ ରାଜାଙ୍କୁ ନେଇ କନ୍ୟା ବାହା ଦେଇ ବିପୁଳ ଧନ ସମ୍ପତ୍ତି ସହ ବିବା କଲେ । ପଦ୍ମାବତୀ ଆସିବା ପରେ ବିଚିତ୍ର ଘଟଣା ସବୁ ଦେଖାଗଲା । ରାଜ୍ୟରେ ଜଣେ କେହି ଗରିବ ରହିଲେ ନାହିଁ । ପଦ୍ମାବତୀର ତନ୍ତ୍ରବିଦ୍ୟା ବଳରେ ସମସ୍ତ ଶତ୍ରୁ ପରାସ୍ତ ହେଲେ ରାଜ୍ୟରେ କେହି ଅନାହାର ଏବଂ ଗରିବ ରହିଲେ ନାହିଁ । ସମସ୍ତେ ଧନରତ୍ନରେ ସୁଖଶାନ୍ତି ଲାଭ କଲେ । ରାଜା ଅନ୍ୟରାଣୀ ମାନଙ୍କୁ ଭୁଲି ପଦ୍ମାବତୀ ସହିତ ଆନନ୍ଦରେ ବସବାସ କଲେ ।

ବିଭାଘର ବର୍ଷେ ନପୂରୁଣ ପଦ୍ମାବତୀଙ୍କ କୋଳରେ ସୁନ୍ଦର ସନ୍ତାନଟିଏ ହେଲା ଏକଥା ଦେଖି ଅନ୍ୟରାଣୀମାନେ ହିଂସାରେ ଜଳିବାକୁ ଲାଗିଲେ । କେଉଁ ପ୍ରକାରେ ସାନରାଣୀ ପଦ୍ମାବତୀକୁ ମାରିବେ ସେମାନେ ଉପାୟ ବାହାର କଲେ । ସେମାନେ ଗୋଟିଏ ଦାସୀକୁ ବିଶ୍ୱାସୀ ହେବାକ, ତା ପାଖକୁ ଯାଇ ସ୍ନେହ ସୋହାଗ କଲେ । ସ୍ଥିର କଲେ ଗୁଣି ବିଦ୍ୟାରେ ପୋଖତ ହୋଇଛି ପଦ୍ମାବତୀ । ଏଣୁ ତାକୁ ସେପରି ମାରିବା କେବେ ସମ୍ଭବ ନୁହେଁ । ଗୁପ୍ତ କଥା ଜାଣି ଦିନେ ରାଜା ରାଜ୍ୟ ପର୍ଯ୍ୟଟନରେ ଥିବାବେଳେ ସମସ୍ତେ ଜିଦ୍ ଧରି କହିଲେ । ପଦ୍ମାବତୀ ତୁମକୁ ଏତେ ବିଦ୍ୟାଜଣା । ତୁମେ ସ୍ଥଳପଦ୍ମ ଗଛ ନ ହୋଇ ସୁନା ପଦ୍ମ ହୋଇ ଝଡିପଡା ଆମକୁ ତୁମେ ତାହା ଦେଖାଅ । ପଦ୍ମାବତୀ ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲା । ଏ ବିଷୟ ନିଶ୍ଚୟ ତାଙ୍କୁ ଦାସୀ କହିଛି । କ'ଣ କରିବ ? ସଉତୁଣୀ ମାନଙ୍କୁ ବିଶ୍ୱାସ କରି ଗୋଟିଏ ମନ୍ତୁରା ପାଣି ଦେଇ ତାଙ୍କୁ ସବୁ ବୁଝାଇ କହିଲା ।

ମୁଁ ଫୁଲ ଫୁଟି ଝଡିବା ପୂର୍ବରୁ ପାଣି ମୂଳରେ ଢାଳିଲେ ମୁଁ ମଣିଷ ହେବି । ସାବଧାନ ପାଣିକୁ ଅନ୍ୟ କେଉଁଠାରେ ଢାଳିଲେ ମୁଁ ମରିଯିବି । ତା'ପରେ ତୁମେ ମାନେ ପଥର ପାଲଟିଯିବ । କାରଣ ଦେବୀଙ୍କ ଅଭିଶାପ ହିଂସାରେ ଅଜ୍ଞାନ ହୋଇଥିଲେ ଛଅ ଭଉଣୀ । ସେମାନେ ମାୟା ଦେଖାଇ ଖୁସି କଲେ ।

ତନ୍ତ୍ର ବଳରେ ସାନ ଭଉଣୀ ମନ୍ତୁରା ପାଣି ଢାଳିରଖି ସ୍ଥଳ ପଦ୍ମ ହୋଇ ଅସୁମାରୀ ସୁନାର ପଦ୍ମ ବର୍ଷା କରିବାକୁ ଲାଗିଲା । ବଡରାଣୀ ହିଂସାରେ ମନ୍ତୁରା ପାଣିକୁ ଫୋପାଡି ଦେଲା । ଦୂରକୁ ସେ ପଥର ମୂର୍ତ୍ତି ପାଲଟି ରହିଗଲା ସେଇଠି । ଅନ୍ୟ ପାଞ୍ଚରାଣୀ ମଧ୍ୟ ପଥର ପାଲଟି ଗଲେ ।

ସୁନାର ପଦ୍ମ ଝଡି ପଡିଲା । ଉପବନ କରୁଣ କ୍ରନ୍ଦନରେ ଉଛୁଳି ପଡିଲା, ମରିଗଲା ଗଛ କାଟିବାକୁ ଲାଗିଲା ଦୁଇ ମାସର କନକ ପ୍ରତିମା ପୁତ୍ର ବିରଜା ପ୍ରସାଦ। ଏ ଖବର ସବୁ ବାସୀ ଯାଇ ରାଜାଙ୍କୁ ଜଣାଇଲେ । ରାଜା, ମନ୍ତ୍ରୀ, କଟୁଆଳ ଓ ଦାସୀ ସମସ୍ତେ ଘଟଣା ସ୍ଥଳକୁ ଦୌଡିଲେ । ସେଠାରେ ଦାସୀଙ୍କ ଠାରୁ ସମସ୍ତ କଥା ଶୁଣି ଏବଂ ଦେଖି ରାଜା ଧୈର୍ଯ୍ୟହରା ହୋଇପଡିଲେ ।

ଶେଷରେ ନିଜ ତରବାରୀ ବାହାର କରି ନିଜ ବେକକୁ ହାଣିଦେଲେ । ଶେଷରେ ବିରଜା ପ୍ରସାଦକୁ ମନ୍ତ୍ରୀ ନେଇ ଲାଳନ ପାଳନ କଲେ । ରାଜ୍ୟରେ ହାଲଚାଲ ବୁଝିଲେ ।

ରାଜପୁତ୍ର ବିରଜା ପ୍ରସାଦ ବଡ ହେବାକୁ ଲାଗିଲା । ସେ ନିଜର ଜନ୍ମକଥା ଲୋକମାନଙ୍କ ଠାରୁ ଶୁଣିଲା । ସେ ବଡ ହେବାରୁ ରାଜଗାଦିରେ ବସିଲା । ସେଇ ପଥର ମୂର୍ତ୍ତିମାନଙ୍କୁ ନେଇ ତୋରଣ ନିର୍ମାଣ କଲା । ଆଉ ନିଜ ମା'ର ସୁନାର ପଦ୍ମ ଗୁଡିକ ଖଞ୍ଜାଇ କାଳ କାଳକୁ କୀର୍ତ୍ତି ରଖି ସେ ନିଜ ରାଜ୍ୟରେ ସେହି ଉପବନରେ ପଦ୍ମ ଉପରେ ମା' ଦୁର୍ଗାଙ୍କର ମୂର୍ତ୍ତି ରଖି ତାକୁ ମା' ବୋଲି ଗ୍ରହଣ କରି ପୂଜା ଅର୍ଚ୍ଚନା କଲା । ତାଙ୍କୁ ପୂଜା ପାଠକରି ବହୁ କୀର୍ତ୍ତି ଅର୍ଜନ କଲା । ସେହି ଦିନଠାରୁ ସେଠାରେ ସେହିପରି ପଦ୍ମ ରହିଛି । ତାକୁ ପ୍ରହରୀମାନେ ଜଗିଛନ୍ତି ।



# ମଣିଷ କ୍ଲୋନିଂ

**ଅନୁତୃପ୍ତୀ ମହାନ୍ତି,** ଯୁକ୍ତ ଦୁଇ କଳା

କ୍ଲୋନିଂ ମାଧ୍ୟମରେ ସ୍ତନ୍ୟପାୟୀ ସୃଷ୍ଟି କଲାପରେ ଗବେଷଣା ଚାଲିଲା, ମଣିଷ କ୍ଲୋନିଂ କରିବା ପାଇଁ । ତେବେ ଏହାକୁ ନେଇ ମୁଣ୍ଡ ଟେକିଲା ନାନାଦି ପ୍ରଶ୍ନ, ତହିଁରୁ ପ୍ରଥମଟି ହେଲା ମାନବ ସମାଜ ଉପରେ ଏହାର କଣ କଣ କୁପ୍ରଭାବ ପଡିବ ।

ଏଥର ଝିଅଟିଏ ଜନ୍ମ ଦେବାପାଇଁ ସ୍ପର୍ଶର ଆବଶ୍ୟକତା ପଡିବ ନାହିଁ । କିନ୍ତୁ ପୁଅଟିଏ ଜନ୍ମ କରାଇବା ପାଇଁ ଗୋଟିଏ ପୁରୁଷ ଲୋକଠାରୁ ଡି.ଏନ୍.ଏ ସଂଗ୍ରହ କରିବା ପାଇଁ ପଡ଼ିବ, ପୁଣି ତାହାକୁ କୌଣସି ଜଣେ ସ୍ତ୍ରୀଲୋକ ଠାରୁ ସଂଗ୍ରହ କରାଯାଇଥିବା ଡମ୍ବାଣୁରୁ ନାଭି ନିଷ୍କାସନ କରି ସେଥିରେ ଗର୍ଭାଧାନ ପ୍ରକ୍ରିୟା ସଂପନ୍ନ କରାଗଲା ପରେ ଭ୍ରୁଣଟିଏ ସୃଷ୍ଟି ହେବ । ସେ ଭ୍ରୁଣଟିକୁ ପୋଷଣ କରାଇବା ପାଇଁ (ବଢାଇବା ପାଇଁ) ପୁଣି ଗର୍ଭାଶୟର ଆବଶ୍ୟକତା ରହିଛି । ଗର୍ଭାଶୟରେ ପରିପକ୍ୱ ହେଲାପରେ ଯାଇ ତାହା ମଣିଷ ପିଲା ରୂପେ ଜନ୍ମନେବ । ଏଣୁ କ୍ଲୋନିଂ ପୁଅଟିଏ ଜନ୍ମ କରାଇବା ପାଇଁ ଉଭୟ ପୁରୁଷ ଓ ସ୍ତ୍ରୀଲୋକର ଆବଶ୍ୟକତା ରହିଛି ସତ, କିନ୍ତୁ ସଜନନ ପ୍ରକ୍ରିୟାରେ ଆବଶ୍ୟକତା ନାହିଁ । ଡି.ଏନ୍.ଏ ଡିମ୍ବାଣୁ ସଂଗ୍ରହ କରାଯାଇ ତାହାକୁ ଗବେଷଣା ଗାରରେ ଗର୍ଭାଧାନ କରାଗଲା ପରେ ଭିନ୍ନ ଭିନ୍ନ ଅବସ୍ଥାରେ ଗତି କରାଇ ଭ୍ରୁଣଟିଏ ଉତ୍ପାଦନ କରିହେବ । ତତ୍ପରେ ଏହି ଭ୍ରୁଣକୁ କୌଣସି ଜଣେ ସ୍ତ୍ରୀ ଲୋକର ଗର୍ଭାଶୟରେ ରୋପଣ କରାଯିବ । ଏ ପ୍ରକାର ସ୍ତ୍ରୀ ଲୋକଙ୍କୁ ସରୋଗେଟ୍ ମାଆ ବୋଲି କୁହାଯାଇଛି ।

ଏଠାରେ ମନକୁ ପ୍ରଶ୍ନ ଆସେ ଯେ ମଣିଷ କ୍ଲୋନିଂର ଆବଶ୍ୟକତା କ'ଣ ? ତହିଁରୁ ପ୍ରଥମଟି ହେଲା ଜଣେ ଲୋକ ହୁଏତ ନିଜ ପ୍ରତିକୃତିର ଆଉ ଗୋଟିଏ ଲୋକକୁ ଦେଖି ଚାହିଁଥିବ । ଏହା ଦ୍ୱାରା କୌତୁହଳ ପୂରଣ ହୋଇପାରେ । ପୁଣି ହୁଏତ ଏପରି ହୋଇପାରେ ଯେ ଜଣେ ଲୋକ ବୃଦ୍ଧ ବୟସରେ ତା'ର ଦୟାଦ ହରାଇଲେ, ଆଉ ଜଣେ ଦୟାଦ ଖୋଜିବାକୁ ଯାଇ କ୍ଲୋନିଂ ମାଧ୍ୟମରେ ହିଁ ତାହା ପାଇପାରିବ । ଦ୍ୱିତୀୟରେ ଜଣେ ସ୍ତ୍ରୀଲୋକ ଚାହିଁଲେ କୌଣସି ଜଣେ ମେଧାସଂପନ୍ନ ପୁରୁଷ ଲୋକଠାରୁ ସୋମାଟିକ୍ କୋଷ ସଂପନ୍ନ କରି, ଅନ୍ୟ କୌଣସି ସ୍ତ୍ରୀଲୋକଠାରୁ ଡିମ୍ବାଣୁ କୋଷ ଆଣି କ୍ଲୋନିଂ ପଦ୍ଧତିରେ ଭ୍ରୁଣଟିଏ ଉତ୍ପାଦନ କରାଇବାର ବ୍ୟବସ୍ଥା କରିବ ଏବଂ ସେହି ଭ୍ରୁଣଟିକୁ ଗର୍ଭଧାରଣ କରି ପିଲାଟିଏ ଜନ୍ମ ଦେଇ ପାରିବ । ତାହାକୁ ନିଜ କୋଳରେ ଲାଳନ କରାଇ ନିଜର ସନ୍ତାନ ବୋଲି ଦାବୀ କରାଇପାରିବ । ଏ ପିଲାଟି ହେବ ଅତ୍ୟନ୍ତ ମେଧାବାନ ।

ଏ ସଂମ୍ପର୍କରେ ଶେଷ ଆଉ ତୃତୀୟ କଥା ହେଲା ବର୍ତ୍ତମାନ ଆଗେଇ ଚାଲିଥିବା ଷ୍ଟେମ୍ ସେଲ୍ ସମ୍ବନ୍ଧୀୟ ଗବେଷଣା ଆଜିକାଲି ପତ୍ର ପତ୍ରିକା, ଖବରକାଗଜ ଇତ୍ୟାଦିରେ ଏ ବିଷୟର ଅନେକ କଥା ବାହାରିଛି ।

ଏହା ହେଉଛି ଏପରି ଏକ ପ୍ରକାର ଜୀବ, ଯାହାଠାରୁ ପ୍ରତ୍ୟେକ ପ୍ରକାରର ଜୀବକୋଷ ଉତ୍ପନ୍ନ କରାଯାଇପାରେ, ଯେପରିକି ରକ୍ତ କୋଷ, ଚର୍ମକୋଷ, ଯକୃତ କୋଷ ଇତ୍ୟାଦି ଇତ୍ୟାଦି । ଏଣୁ ଗବେଷକମାନେ ଆଶା ପୋଷଣ କରୁଛନ୍ତି କି ଷ୍ଟେମ୍‌ସେଲ୍ ଗବେଷଣାରୁ ସେମାନେ ବିଭିନ୍ନ ପ୍ରକାର ଅଙ୍ଗ ପ୍ରତ୍ୟଙ୍ଗ ଉପୁଜାଇବାର ସକ୍ଷମ ହୋଇପାରିବେ, ଯାହାକି ମଣିଷ ସମାଜର ଅଶେଷ ଉପକାରରେ ଲାଗିବ ।

ଏହା ହେଉଛି ଏପରି ଏକ ପ୍ରକାର ଜୀବକୋଷ, ଯାହାଠାରୁ ପ୍ରତ୍ୟେକ ପ୍ରକାରର ଜୀବକୋଷ ଉତ୍ପନ୍ନ କରାଯାଇପାରେ, ଯେପରିକି ରକ୍ତକୋଷ, ଚର୍ମକୋଷ, ଯକୃତ କଷ ଇତ୍ୟାଦି । ଏଣୁ ଗବେଷକମାନେ ଆଶା ପୋଷଣ କରୁଛନ୍ତି କି ଷ୍ଟେମ୍‌ସେଲ୍ ଗବେଷଣାରୁ ସେମାନେ ବିଭିନ୍ନ ପ୍ରକାର ଅଙ୍ଗ ପ୍ରତ୍ୟଙ୍ଗ ଉପୁଜାଇବାରେ ସକ୍ଷମ ହୋଇପାରିବେ,ଯାହାକି ମଣିଷ ସମାଜର ଅଶେଷ ଉପକାରରେ ଲାଗିବ ।

ସାମାଜିକ ସ୍ୱୀକୃତି ଦୃଷ୍ଟିରୁ ହେଉ ବା ଆଇନ କାନୁନର ଦୃଷ୍ଟି କୋଣରୁ ହେଉ କ୍ଲୋନିଂ ପିଲାଟିର ବାପାମାଆ ଯେ କେହି ହୁଅନ୍ତୁନା କାହିଁକି, ଜେନେଟିକ୍ ବିଜ୍ଞାନ () ଦୃଷ୍ଟିରୁ ଡି.ଏନ୍.ଏ () ଯାହାର ପିଲାଟି ତାହାର ବୋଲି ବୁଝିବାକୁ ପଡିବ । ତେବେ ପରିସ୍ଥିତି ଦୃଷ୍ଟିରୁ ଏଥିରେ ବ୍ୟତିକ୍ରମ ଦେଖିପାରେ । କେତେକ ବୈଜ୍ଞାନିକ ଆଶଙ୍କା ପ୍ରକାଶ କରୁଛନ୍ତି ଯେ ହୁଏତ କ୍ଲୋନିଂ ପୁତ୍ର ନିଜ ପିତାକୁ ନିଜର ପିତା ବୋଲି ମାନି ନପାରେ । ଯେହେତୁ ତା'ର ପିତାଙ୍କର ଜୈବିକ ସମରୂପ ଯମଜ () ବୋଲି କହିପାରେ । ତେବେ ଯେଉଁ କ୍ଷେତ୍ରରେ ବୈଜ୍ଞାନିକ ସିଦ୍ଧାନ୍ତ ଦିଗଦର୍ଶୀ ହୋଇନପାରେ ସେତେବେଳେ ସାମାଜିକ କ୍ଷେତ୍ରରେ ବ୍ୟବସ୍ଥା ହୁଏତ ଦିଗଦର୍ଶୀ ଓ ଶୃଙ୍ଖଳିତ ହୋଇପାରେ । ଅତଏବ, ମଣିଷକୁ କ୍ଲୋନିଂ କରାଯିବା ଆଗରୁ ସମାଜ ଏଥିପ୍ରତି ଧ୍ୟାନ ଦେବା ଦରକାର ।

# ଜନ୍ମଦିନ

କାହ୍ନୁପ୍ରିୟା ସାହୁ, + ୩ ଦ୍ୱିତୀୟ ବର୍ଷ ବିଜ୍ଞାନ

ଇଏ ସେହି ମୂହୁର୍ତ୍ତ ବା ଶୁଭବେଳା ଯେତେବେଳେ ନୂତନ ଜୀବନଟିଏ ଧରାପୃଷ୍ଠରେ ଜନ୍ମନିଏ । ଏହି ନବାଗତ ଅତିଥି ଯେତେବେଳେ ମାତୃଗର୍ଭରୁ ଭୂମିଷ୍ଠ ହୁଏ । ସେତେବେଳେ ଏହି ସଂସ୍କାର ତାକୁ ସାଦରେ କୋଳେଇ ନିଏ । ମାଟି, ପାଣି, ପବନକୁ ନେଇ ଏ ଦୁନିଆ ତାକୁ ଭେଟିଦିଅ ମା'ଟିଏ ପିତାଟିଏ ତଥା ଅନେକ ଆତ୍ମୀୟ ସ୍ୱଜନ । ଭରସା ଓ ବିଶ୍ୱାସକୁ ନେଇ ଗଢିଥିବା ପରିବାର ତାକୁ ଦେଇଥାଏ ସ୍ନେହ, ଶ୍ରଦ୍ଧା ଆଉ ନେଇଥାଏ ତା'ର ଜନ୍ମ । ସେ ପାଲଟି ଯାଏ ସାରା ପରିବାରର ରତ୍ନ । ତା'ର ସଜଫୁଲ ପରି ଢଳଢଳ ଆଖିରେ ସମସ୍ତେ ଦେଖନ୍ତି ଆଖିଏ ସ୍ୱପ୍ନ । ସେହି ପରିବାରର ଭବିଷ୍ୟତ କୂଳ ଦୀପ ସକାଳ ସୂର୍ଯ୍ୟର କଅଁଳ କିରଣ ପରି ସବୁରି ମନକୁ ଛୁଇଁଥାଏଓ ସେହିପରି ଶିଶୁ, ମାତା, ପିତା , ଭାଇ, ଭଉଣୀ ସଭିଙ୍କୁ ପ୍ରିୟ ହୋଇଥାଏ । ଜୀବନ ପାହଚରେ ସେ ଧୀରେଧୀରେ ପାଦ ପକାଇ ମାଡିଚାଲେ ଆଗକୁ ଆଗକୁ । କିନ୍ତୁ ଭୁଲିପାରେନା ସେହି ସ୍ନେହ ଭରା ପସରାକୁ ନିଜର ମା'ର କୋଳକୁ ଓ ଜହ୍ନମାମୁଁଙ୍କୁ ସେହି ନିର୍ମଳ, ନିଷ୍ପାପ, ଚପଳମତି ବାଳକ ମନରେ ଆଙ୍କି ହୋଇ ଯାଏ ତା'ର ସେହି ଅଫେରନ୍ତା ବାଲ୍ୟାବସ୍ଥା । ସତେ ଯେପରି ସେ ହଜାଇ ବସିଛି ତା'ର ଜୀବନର ସ୍ୱାଦ । ସେ ମନେ ପକାଏ ସେହି ସମୟକୁ, ମା'ର କୋଳକୁ, ଆଇମା'ର ବୁଢୀ ଅସୁରଣୀ ଗପକୁ । ଜହ୍ନମାମୁଁକୁ - " ଆ ଜହ୍ନମାମୁଁ ସରଗଶଶୀ ମୋ କାହ୍ନୁ ହାତରେ ପଡରେ ଖସି" ସେସବୁ ଅତୀତର ମୂଳ ହେଉଛି ଜନ୍ମଦିନ । ଯେଉଁ ଶୁଭବେଳ । ଦେବତାଙ୍କୁ ଦୁର୍ଲ୍ଲଭ ।

"ସେହି ଶୁଭବେଳା ହେଉ ଶୁଭ ମୟ<br>
ଜୀବନ ହେଉ ସତ୍ୟରେ ସନ୍ନିତ, ଧର୍ମରେ ରଞ୍ଜିତ<br>
ସରସ ସୁନ୍ଦର ହେଉ ଜୀବନ ତାର<br>
ଯାଉ ଦୁଃଖ ଏ ଧରଣୀ ମା'ର<br>
ଅଶେଷ ଶୁଭେଚ୍ଛା ଜନ୍ମଦିନର" ।

## ହସ କଥା

୧. ଟେଲିଭିଜନରେ କ୍ରିକେଟ ଦେଖୁଥିବା ପିଲାଟି ମାଆଙ୍କୁ ପଚାରିଲା ମାଆ, ଏ ସର୍ଟଲେଗ୍ କ'ଣ । ରୋଷେଇ ଘରେ ଥାଇ ମାଆ କହିଲେ, 'ସେତିକି ଜାଣିନୁ ଲେଙ୍ଗେଡାକୁ ଏହା କହି ପରା ଚିଡାନ୍ତି' ।

୨. ମାଲିକାଣି - ଗୋପାଳ ! ଆଜି କାହିଁକି ଏତେ ପାଣିଚିଆ କିରେ ?
ଗାଇଟା ପରା ପୁରା ଭିଜି ଯାଇଥିଲା ।



୩. ମିଟୁ - ଫୋର୍ଡ ମାନେ କ'ଣ କିରେ ?
ଚିଁଟୁ - ଏହା ଗୋଟିଏ ଗାଡିର ନାଁ ।
ମିଟୁ - ତେବେ ଅକ୍ସଫୋର୍ଡ ମାନେ କ'ଣ ?
ଚିଁଟୁ - ଅତି ସହଜ, ବଳଦଗାଡି

୪. ଶିକ୍ଷକ ଜଣେ ଛାତ୍ରଙ୍କୁ ଇଂରାଜୀରେ ପଚାରିଲେ, "ତୁମ ନାଁ କଣ ?? ଛାତ୍ରଟି ଓଡ଼ିଆରେ ଉତ୍ତର ଦେଲା, "ମୋ ନାଁ ସୂର୍ଯ୍ୟ ପ୍ରକାଶ" ।
ଶିକ୍ଷକ କହିଲେ, ମୁଁ ତୁମକୁ ଇଂରାଜୀରେ ପ୍ରଶ୍ନ ପଚାରିଲି, ତୁମେ ଇଂରାଜୀରେ ଉତ୍ତର ଦିଅ ଛାତ୍ର କହିଲା, "ମାଇଁ ନେମ୍ ଇଜ୍ ସନ୍ ଲାଇଟ୍ ।"

୫. ପପୁ - ଆରେ ଦିପୁ, ବର୍ଷା ହେବା ସମୟରେ ବିଜୁଳି ମାରେ କାହିଁକି ?
ଦିପୁ । ଇନ୍ଦ୍ର ଦେବତା ଟର୍ଚ୍ଚ ପକାଇ ଦେଖନ୍ତି କୋଇ ସ୍ଥାନ ଶୁକିଲା ରହିଗଲା କି ହାଃ ..... ହାଃ......

# ବହିର ଶେଷ ପୃଷ୍ଠା

**ଗାୟତ୍ରୀ** ... + ୩ ପ୍ରଥମ ବର୍ଷ କଳା

ଥରେ ମିଶରର ରାଜାଙ୍କ ମନରେ ପ୍ରଶ୍ନ ଉଠିଲା, ମଣିଷକୁ କଣ ସବୁଠାରୁ ଅଧିକ ଆକର୍ଷଣ କରେ ? ହେଲେ, କୌଣସି ଉତ୍ତର ତାଙ୍କୁ ସନ୍ତୁଷ୍ଟ କରି ପାରିଲା ନାହିଁ । ଏଇ ସମୟରେ କେହି ଜଣେ କହିଲା, ଗୀର୍ଜାରେ ଅଛନ୍ତି ଜଣେ ମହାନ୍ ଦାର୍ଶନିକ । ତାଙ୍କୁ ପଚରା ଯାଉ । ଗୀର୍ଜାର ଦାର୍ଶନିକଙ୍କୁ ରାଜା ସସମ୍ମାନେ ନିଜ ଦରବାରକୁ ଅଣାଇଲେ । ପ୍ରଶ୍ନଟି ଶୁଣି ସେ କହିଲେ, ଏହାର ଉତ୍ତର ଗୋଟିଏ ବହିରେ ଲେଖାଅଛି । ତାହା ମିଳିବ କାଇରୋର ଏକ ନିର୍ଦ୍ଦିଷ୍ଟ ଦୋକାନରେ ସେଇ ଦୋକାନୀ ଜଣେ ପ୍ରାଚୀନ ବହିର ବ୍ୟବସାୟୀ ଏହା କହି ସେ ପୁସ୍ତକରେ ନାମ ଗୋଟିଏ କାଗଜରେ ଲେଖି ଦେଲେ । ତୁରନ୍ତ ରାଜାଙ୍କ ଲୋକ ସେଇ ପୁସ୍ତକ ଦୋକାନକୁ ଗଲେ । ବୃଦ୍ଧ ଦୋକାନୀ ଅନେକ ଖୋଜାଖୋଜି ପରେ ବାହାର କଲେ ଅତି ପ୍ରାଚୀନ ପୁସ୍ତକଟି । ବହିଟି ଦେଲା ବେଳେ ସେ କହିଲେ, ଭାଇ ଏଇ ବହିଟି ହେଉଛି ପ୍ରଥମ ଫାରୋଙ୍କ ସମୟର ପୁସ୍ତକ । ରାଜାଙ୍କୁ କହିଦେବ ସେ ଯେମିତି ଏହାର ଶେଷ ଦୁଇ ପୃଷ୍ଠାକୁ କେବେବି ପଢିବେ ନାହିଁ । କାଳେ ରାଜା ପଢିଦେବେ ସେଥିପାଇଁ ଏ ଦୁଇ ପୃଷ୍ଠାକୁ ମୁଁ ଅଠାରେ ଯୋଡି ଦେଇଛି । ଲୋକଟି ବହିଟି ଧରି ଫେରିଲା । ରାଜାଙ୍କୁ ସେଇ କଥା କହିଲା । ବହିଟି ବେଶ ମୋଟା ଥିଲା ରାଜା ପଢିବା ଆରମ୍ଭ କଲେ । ବହିରେ ଥିଲା ଏକ ସୁନ୍ଦର ଦୀର୍ଘ ଗଳ୍ପ । ସେଇ ଗଳ୍ପ ତାଙ୍କୁ ଏକ ରହସ୍ୟମୟ ଦୁନିଆକୁ ଟାଣିନେଲା । ରାଜା ତାକୁ ପଢୁପଢୁ ସବୁ ଭୁଲିଗଲେ, ଏପରିକି ତାଙ୍କୁ ଆଚ୍ଛନ୍ନ କରି ରଖିଥିବା ପ୍ରଶ୍ନଟିକୁ ବି । ବହିଟି ସରିଲା । ଏକ ସୁନ୍ଦର କାହାଣୀ ଦ୍ୱାରା ରାଜା ମୋହଗ୍ରସ୍ତ ହୋଇଯାଇଥିଲେ । କିନ୍ତୁ ଏବେ ସେ ଭାବିଲେ କାହିଁକି ମୋତେ ଏ ଶେଷ ଦୁଇ ପୃଷ୍ଠା ପଢିବାକୁ ମନା କରାଗଲା କଣ ରହସ୍ୟ ? ସେଥିରେ ଅଛି କ'ଣ ? ତେବେ ଦୋକାନୀଙ୍କ କଥାଟି ମନେ ପକାଇ ସେ ବହିଟିକୁ ନିଜ ପାଠାଗାରରେ ରଖି ଦେଲେ କିନ୍ତୁ ତାଙ୍କମନ ଶାନ୍ତି ହେଲା ନାହିଁ ତାଙ୍କୁ ରାତିରେ ନିଦ ହେଲା ନାହିଁ । ମନରେ ଥିଲା ଚିରନ୍ତନ ପ୍ରଶ୍ନ କ'ଣ ଅଛି ସେଇ ଶେଷ ଦୁଇ ପୃଷ୍ଠାରେ ?

ରାଜା ଆଉ ସମ୍ଭାଳି ପାରିଲେ ନାହିଁ । ଗୋଟିଏ ଛୁରୀ ଆଣି ଅତି ସନ୍ତର୍ପଣରେ ପୃଷ୍ଠା ଦୁଇଟିକୁ ଚିରି ମେଲା କଲେ । ତହିଁରେ ବଡ ବଡ ଅକ୍ଷରରେ ଧାଡିଟିଏ ଲେଖା ଥିଲା । ସେଇ ଧାଡିଟି ହେଲା - ମନା କରାଯାଇଥିଲା ପରା, ପୁଣି ଦେଖିଲ କାହିଁକି ?

ରାଜାଙ୍କ ମନେ ପଡିଗଲା ତାଙ୍କ ପୁରୁଣା ପ୍ରଶ୍ନ । ମଣିଷକୁ କଣ ସବୁଠାରୁ ବେଶୀ ଆକର୍ଷଣ କରେ ? ଏବେ ଜାଣିଲେ ଯେ ମଣିଷକୁ ଯାହା ମନା କରାଯାଏ ତାକୁ କରିବାକୁ ମନ ଅଧିକ ଆକର୍ଷିତ ହୁଏ ।



## ହସ କଥା



ଇଂରାଜୀ ଶିକ୍ଷକ - ରଞ୍ଜନ, ପ୍ଲିଜଟେଲ୍ ମି ୟୋର ଫାଦର୍ସ ନେମ ?

ରଞ୍ଜନ - ଆଜ୍ଞା, ସୁନ୍ଦର ଲାଲ .........................

ଶିକ୍ଷକ - ଏମିତି ନୁହେଁ, ଇଂରାଜୀରେ କୁହ । ମାଇଁ ଫାଦର୍ସ ନେମ ଇଜ୍

ରଞ୍ଜନ - ଓକେ ସାର୍, ମାଇଁ ଫାଦର୍ସ ନେମ ଇଜ୍ ବ୍ୟୁଟିଫୁଲ ରେଡ୍ ଅଣ୍ଡର ୱେୟର ।

ଶିକ୍ଷକ - ମୋତେ କଣ ଥଟ୍ଟା କରୁଛ ?

ରଞ୍ଜନ - ନାଇଁ ସାର୍, ମୋ ବାପାଙ୍କ ନାଁ ତ ସୁନ୍ଦର ଲାଲ୍ ଚଢା ।

ମାଲିକ (ଚାକରକୁ) - ପୂରା ଘର ସାଫ୍ କରିଦେଲୁ ନା ଆଉ କିଛି ବାକି ରହିଲା ।

ଚାକର -ଆଜ୍ଞା, ଖାଲି ସିନ୍ଧୁକଟା ବାକି ଅଛି । ଚାବି ଦିଅନ୍ତୁ ।





# ବୁଢାକାଉର କଥା ମାନିଲେ

**ରଞ୍ଜନା ନାଏକ,**
*ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା*

ଗୋଟିଏ ବରଗଛରେ ଦଳେ କାଉ ରହୁଥିଲେ । ସେମାନଙ୍କ ଭିତରେ ଏକ ବୁଢା କାଉ ରହୁଥିଲା । ତାକୁ କାଉମାନେ ଭଲ ମନ୍ଦ କଥା ପଚାରୁଥିଲେ । ବୁଢା କାଉର କଥାମା[illegible]ମ କରୁଥିଲେ । ସେମାନଙ୍କ ମଧ୍ୟରେ ଗୋଟିଏ କା[illegible] ଯେ କି ବୁଢା କାଉର କୌଣସି କଥା ଶୁଣେ ନାହିଁ । ଅନ୍ୟକାଉଙ୍କ ସହିତ କଳି କରେ । ସେଥିପାଇଁ ବୁଢା କାଉ ତା ଉପରେ ବିରକ୍ତ ହୁଏ । ଦୁଷ୍ଟ କାଉଟି ଭାବିଲା ଆଉ ଏମାନଙ୍କ ସହିତ ଉଡିବି ନାହିଁ । ମୁଁ ଅଲଗା ଗଛରେ ବସା ବାନ୍ଧି ରହିବି । କିଏ ଏ କାଉ ବୁଢାର ଉପଦେଶ ସବୁବେଳେ ଶୁଣିବ । ତାପରେ ସେ ବରଗଛ ଛାଡି ଅନ୍ୟ ଏକ ଗଛରେ ବସା କରିରହିଲା । ଦିନକର କଥା । ସକାଳୁ ଦୁଷ୍ଟ କାଉଟି ବସାରୁ ବାହାରି ଗଛ ଡାଳରେ ବସି ଏଣେ ତେଣେ ଆଖି ବୁଲାଉଥାଏ । କାଳେ କିଛି ଆହର ମିଳିଯିବ । ସେ ଦେଖିଲା ଗୋଟିଏ ଜାଗାରେ କିଛି ଗହମ ବୁଣି ହୋଇ ପଡିଛି । କାଉଟି ବିଳମ୍ବ ନକରି ଉଡିଯାଇ ବସି ଗହମ ଗୁଡିକ ଖାଇଲା ଏହି ସମୟରେ ବରଗଛରେ ଉଡୁଥିବା କାଉ ଦଳ ଓ ବୁଢା କାଉ ସେହି ବାଟେ ଆହର ସନ୍ଧାନରେ ଉଡିଯାଉଥିଲା । ସେମାନେ ମଧ୍ୟ ଗହମ ଗୁଡିକ ଦେଖି ତଳକୁ ଆସିଲେ ଗହମ ପାଇଁ ଦୁଷ୍ଟ କାଉ ସେମାନଙ୍କୁ କହିଲା । ଏହା ମୁଁ ଆଗ ଦେଖିଛି । ଏଇଟା ମୋର ତୁମେ ଖାଇ ପାରିବ ନାହିଁ । ଏହା ଶୁଣି ବୁଢାକାଉ ମାନଙ୍କୁ କହିଲା । ଚାଲ ଚାଲ ଆମେ ଅନ୍ୟଆଡେ ଆହର ଖୋଜି ଖାଇବା ଏହା ଭଳି କରି ଲାଭ ନାହିଁ । ବୁଢା କାଉର କଥା ମାନି ସମସ୍ତେ କାଉ ଆହର ସନ୍ଧାନରେ ଉଡି ଚାଲିଗଲେ ।

କାଉଟି ପେଟପୁରା ଗହମ ଖାଇଲା ଓ ଭାବିଲା ଯାଉଛି ଆଉ ଟିକେ ବୁଲି ଆସେ ପୁଣି ଖାଇବି । କାଉଟି ତାପରେ ଉଡିଗଲା । ବହୁତ ସମୟ ଏଣେତେଣେ ବୁଲି ବୁଲି ପୁଣି କାଉଟି ଗହମ ଖାଇବ ବୋଲି ଗହମ ପଡିଥିବା ଜାଗାକୁ ଆସିଲା । କିନ୍ତୁ ଏ କ'ଣ । କାଉଟି ଗହମ ଖାଉ ଖାଉ ଫାଶରେ ପଡିଗଲା । କଥା କ'ଣ ? ଏତେ ଗୁଡିଏ ଗହମ ପଡିଥିବା ଦେଖି ଶୀକାରୀ ଆଶାରେ ଫାଶ ବସାଇଥିଲା । କାଉଟି ସେତେବେଳେ ଅନ୍ୟ କୁଆଡେ ଉଡି ଯାଇଥିଲା ବିଚରା ଦୁଷ୍ଟ ଫାଶରେ ପଡି ଛଟପଟ ହେଉଥାଏ । ଏହି ସମୟରେ ସେହି ବାଟ ଦେଇ ବୁଢା କାଉ ଓ ବାକି ବସାକୁ ଫେରୁ ଥିଲେ । ସେମାନେ କାଉର ଅବସ୍ଥା ଦେଖିଲେ ଓ ହୋ ହୋ ହୋଇ ହସିଲେ । ବୁଢା କାଉ ସେମାନଙ୍କୁ ବିରକ୍ତ ହୋଇ କହିଲା । ଶତ୍ରୁ ହେଲେ ବି ବିପଦରେ ପଡିଥିଲେ ହସିବା ଅନୁଚିତ ବରଂ ତାକୁ ପାରିବ ଯଦି ବିପଦକୁ ମୁକୁଳିବା ପାଇଁ ସାହାଯ୍ୟ କରିବା ଉଚିତ । ତାପରେ ବୁଢା କାଉ କାଉଟି ପାଖକୁ ଆସିଲା ଓ ଆଶ୍ୱାସନା ଦେଇ କହିଲା ତୁ ବ୍ୟସ୍ତ ହଅନା ବୁଢା କାଉ ଉଡିଗଲା । ନିଜେ ରହୁଥିବା ବରଗଛ ମୂଳରେ ମୂଷକଟିଏ ରହୁଥିଲା ତାକୁ ଅନୁରୋଧ କରି ଡାକି ଆଣିଲା । ମୂଷିକଟି ତାର ଫାଶ କାଟି ଦେଲା । କାଉଟି ଲଜ୍ଜିତ ହେଲା ଓ ନିଜର ଭୁଲ ପାଇଁ କାଉକୁ କ୍ଷମା ମାଗିଲା । ମୂଷାକୁ ଧନ୍ୟବାଦ ଦେଲା । ତାପରେ ମୂଷିକ ଓ ବୁଢା କାଉ ନିଜ ନିଜ ଜାଗାକୁ ଫେରିଗଲେ । କିଛି ସମୟ ପରେ ଦୁଷ୍ଟ କାଉଟି ବରଗଛରେ ପହଞ୍ଚିଲା । ବୁଢାକାଉ ଓ ଅନ୍ୟକାଉମାନେ ତାକୁ ଦେଖି ତାଟକା ହେଲେ । ଦୁଷ୍ଟ କାଉ କହିଲା ମୋର ଭୁଲ ମୁଁ ବୁଝିପାରୁଛି । ମୁଁ ଆଉ କଳି ନକରି ତୁମମାନଙ୍କ ସହିତ ମିଶିମିଶି ରହିବି । ବୁଢା କାଉ କହିଲା । ତୁ ତୋର ଭୁଲ ବୁଝିପାରିଛୁ । ସେଇଟା ବଡ କଥା ତୋର ଯେଉଁଠି ଇଚ୍ଛା ସେଠି ରହ । ଆମ ସାଙ୍ଗରେ ରହିବୁ ଯଦି ରହ । କିନ୍ତୁ ଆଜି ଠାରୁ କେବଳ ତୋତେ ନୁହେଁ ମୁଁ ସବୁ କାଉଙ୍କୁ କହୁଛି । ଯେତେବେଳେ ଯିଏ ଯେଉଁଠି ଖାଦ୍ୟ ଖାଦ୍ୟ ସନ୍ଧାନ ନପାଇବ, କା କା କରି ଅନ୍ୟ ସମସ୍ତ କାଉଙ୍କୁ ଡାକିବ । କଳି ନକରି ମିଳିମିଶି ଖାଇବ । ସେହିପରି ବିପଦରେ ମଧ୍ୟ ପରସ୍ପରକୁ ସାହାଯ୍ୟ କରିବ ସେହିଦିନ ଠାରୁ ବୁଢା କାଉର କଥା କାଉମାନେ ମାନି ଆସୁଛନ୍ତି ।

# ନାରୀ ନିର୍ଯ୍ୟାତନା

**ବର୍ଷା ପାତ୍ର**, *ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଜ୍ଞାନ*

ଶସ୍ୟଶ୍ୟାମଳା ଚିର ପରିବର୍ତ୍ତନମୟୀ ପୃଥିବୀରାଣୀକୁ ସୁନ୍ଦର ଭାବେ ଗଢି ତୋଳିଛନ୍ତି ଈଶ୍ୱର । ଈଶ୍ୱରଙ୍କ ଦୃଷ୍ଟିରେ ନାରୀ ପୁରୁଷ ଉଭୟ ସମାନ । ନାରୀ ବିନା ସଂସାରର କଳ୍ପନା ଅସମ୍ଭବ ।

ନାରୀ କେବେ ମା'ରୂପେ ମମତା ଅଜାଡି ଦିଏ ତ କେବେ ଝିଅ ହୋଇ ମା ବାପାଙ୍କର ଯତ୍ନ ନିଏ ପୁଣି କେବେ ଭଉଣୀ ହୋଇ ଭାଇର ସୁଖଶାନ୍ତି ପାଇଁ ପ୍ରାର୍ଥନା କରେ ସେହି ନାରୀ ସ୍ତ୍ରୀ ଭାବେ ସ୍ୱାମୀର ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରିଥାଏ । ନାରୀର ରୂପ ଅନେକ ଏବଂ ଅବଦାନ ମଧ୍ୟ ଅନେକ ।

କିନ୍ତୁ ନାରୀ ଆଜି ଅବହେଳିତ । ଏବେ କନ୍ୟାଟିଏ ଜାଣିପାରିଲା ମାତ୍ରେ ଗର୍ଭପାତ କରିଦେଉଛନ୍ତି । କନ୍ୟା ଶିଶୁଟିଏ ଜନ୍ମ ହେଲା ପରେ ନର୍ଦ୍ଦମା ତଳେ ପକାଇ ଦେଉଛନ୍ତି । ଏକ ଚତୁର୍ଥାଂଶରୁ କମ୍ ଝିଅ ପ୍ରାୟ ସୁଖ ଶାନ୍ତିରେ ଜୀବନ ଅତିବାହିତ କରୁଛନ୍ତି, ମାତ୍ର ଅଧିକାଂଶ ଝିଅ ଅଭିଶପ୍ତ ଜୀବନ ଯାପନ କରୁଛନ୍ତି । ଯଦି କୌଣସି ଝିଅକୁ ଯଦି ବାପା ମା'ଙ୍କ ସ୍ନେହ ମିଳୁଛି କିନ୍ତୁ ବାହାଘର ପରେ ଶାଶୁଘର ନିର୍ଯ୍ୟାତନା ତା ପାଇଁ କଷ୍ଟସାଧ୍ୟ ହୋଇପଡୁଛି । କହିବାକୁ ଗଲେ ବହୁ କମ୍ ଝିଅ ବିନା ନିର୍ଯ୍ୟାତନାରେ ଶାଶୁଘରେ ଜୀବନ ଅତିବାହିତ କରୁଛନ୍ତି, ଶାଶୁ, ଶ୍ୱଶୁର ଏମିତିକି ସ୍ୱାମୀ ମଧ୍ୟ ଏକ ନବବିବାହିତାକୁ ନାନା ପ୍ରକାରେ ଶୋଷଣ ଓ ନିର୍ଯ୍ୟାତନା ଦେଉଛି । ଯଦି ଗୋଟିଏ ମା' କନ୍ୟା ଶିଶୁକୁ ଜନ୍ମ ଦେଉଛି ତେବେ ମଧ୍ୟ ଶୋଷିତ ହେଉଛି ।

ଏମିତି ଘଟଣାର ଉଦାହରଣ ଅସଂଖ୍ୟ । ଯୌତୁକ ପାଇଁ ବହୁ ନିର୍ଯ୍ୟାତନା ତଥା ହତ୍ୟା ମଧ୍ୟ କରାଯାଉଛି କିଛି ଦିନ ତଳେ ଏକ ଗ୍ରାମରେ ଯୌତୁକ ପାଇଁ ଗୋଟିଏ ନାରୀକୁ କିରୋସିନିରେ ପୋଡି ମାରି ଦେଲେ ଏବଂ ଏକ ଦୁର୍ଘଟଣାରେ ସ୍ୱରୂପ ଦର୍ଶାଇ ଦେଲେ । ଆଇନ ତଥା ସାରା ସମାଜ ଏହି ଦର୍ଦନୀୟ କାହାଣୀର ସତ୍ୟତା ଜାଣିଥିଲେ ମଧ୍ୟ କିଛି କରିପାରିଲା ନାହିଁ । ଆଜି ସେହି ଭୟଙ୍କର ଅପରାଧୀମାନେ ଖୋଲା ଆକାଶ ତଳେ ଘୁରି ବୁଲୁଛନ୍ତି । ତେଣୁ ଲୋକଙ୍କରଆଇନ ପ୍ରତି ବିଶ୍ୱାସ ତୁଟି ଯାଉଛି । ଅପରାଧି ମାନଙ୍କ ଭୟ ରହୁନାହିଁ ।

କନ୍ୟା ଶିଶୁ ଜନ୍ମ କରିବାରୁ ଏକ ବୋହୁକୁ ଶାଶୁଘର ଲୋକ ହତ୍ୟା କରିବାର ଯୋଜନା କଲେ । ଏକ ଭୟଙ୍କର ରାତ୍ରିର ଅନ୍ଧକାରରେ ପ୍ରସ୍ତୁତ ଚାଲିଥିଲା ଏହି ଯୋଜନା । ସେହି ରାତ୍ରି ତା'ଶାଶୁ, ଶ୍ୱଶୁର ଓ ସ୍ୱାମୀ ଘରର ସମସ୍ତ ଦ୍ୱାର ବନ୍ଦ କରି ଦେଲେ ଏବଂ ବୋହୁ ମାରିବା ପାଇଁ ଆସୁଥିବା ବେଳେ ତାଙ୍କ ଯୋଜନାରେ ଗନ୍ଧ ବୋହୁଟି ପାଇଗଲା ଏବଂ ସେ ଛାତ ଉପରକୁ ଯାଇ ଚିତ୍କାର କଲା । ପଡୋଶୀ ଲୋକମାନେ ତା'ଚିତ୍କାର ଶୁଣି ପୋଲିସକୁ ଡାକିଲେ ଏବଂ ତାକୁ ଉଦ୍ଧାର କଲେ । ତା'ର ସାହାସ ଓ ଭଗବାନଙ୍କ ଆଶିର୍ବାଦରୁ ସେ ମୃତ୍ୟୁମୁଖରୁ ବଞ୍ଚିଗଲା ।

ଲୋକ ଶିଶୁକନ୍ୟା ଜାଣିପାରିଲା ମାତ୍ରେ ଗର୍ଭପାତ କରି ଦେଉଛନ୍ତି ଏବଂ ନିର୍ମମ ଭାବେ ତାକୁ ନଦୀରେ ବୁହାଇ ଦେଉଛନ୍ତି ଅଥବା କୁକୁର ବିଲେଇଙ୍କୁ ଆହାର ଭାବେ ପ୍ରଦାନ କରିଦେଉଛନ୍ତି । ଏହାଠାରୁ ଦୁଃଖର ବିଷୟ କଣ ଯେ ଗୋଟିଏ ନବଜାତ ଶିଶୁ ଯିଏ ଦୁନିଆରେ ଆଲୋକ ମଧ୍ୟ ଦେଖି ନଥାଏ ତାକୁ ଲୋକେ ହତ୍ୟା କରିଦେଇଛନ୍ତି ।

ଆମେ ସ୍ୱାଧୀନ ହେବାର ୬୧ବର୍ଷ ଟପିଗଲାଣି ତଥାପି ନାରୀ ନିର୍ଯ୍ୟାତନାକୁ ଆମେ ହ୍ରାସ ନକରି ବୃଦ୍ଧି କରି ଚାଲିଛୁ । ନାରୀମାନଙ୍କୁ ମର୍ଯ୍ୟାଦା ଦିଆଯାଉନାହିଁ, ସେମାନଙ୍କୁ ଶୋଷଣ କରାଯାଉଛି କାରଣ ସେମାନେ ସର୍ବସହିଷ୍ଣୁ । ଏହି ଦୁର୍ବଳତାର ସୁଯୋଗ ନେଇ ଆଜି ନାରୀକୁ ନିର୍ଯ୍ୟାତନା ଦିଆଯାଉଛି । ଆଜିକାଲି ନାରୀ ନିର୍ଯ୍ୟାତନାକୁ ଏଡାଇବା ପାଇଁ ବହୁ ସ୍ଲୋଗାନ ଓ କୋଠର ଆଇନ ପ୍ରସ୍ତୁତ କରାଯାଇଛି କିନ୍ତୁ ନିର୍ଯ୍ୟାତନା ମଧ୍ୟେ ବାୟୁର ଗତି ସହ ଅର୍ନ୍ତଧ୍ୟାନ ହୋଇଯାଉଛି ।

ଲୋକେ ନାରୀଙ୍କ ମହାନତାକୁ ଦେଖି ମଧ୍ୟ ଏଡାଇ ଦେଉଛନ୍ତି ନାରୀ ଯେ ଅବଳା ନୁହେଁ ତାର ବହୁ ଉଦାହରଣ ଆମେ ଜାଣୁ ତଥାପି ଆମେ ଶୋଷଣ ବନ୍ଦ କରୁନାହୁଁ ନାରୀ ଅବଳା ନୁହେଁ। ନାରୀମାନଙ୍କୁ ନିଜ ଆତ୍ମବିଶ୍ୱାସକୁ ଦୃଢ କରିବାକୁ ହେବ ଏବଂ ଏହି ସମାଜର କୁପ୍ରଥା ତଥା ନିର୍ଯ୍ୟାତନାକୁ ମୁଣ୍ଡପାତି ନସହୁ ସମାଜ ବିରୁଦ୍ଧରେ ଲଢାଇ କରିବାକୁ ହେବ ।

ଏହି ଆମ ସମାଜକୁ ନାରୀପ୍ରତି ଥିବା କୁମନଭାବକୁ ଦୂର କରିବା ଉଚିତ । ନାରୀମାନଙ୍କୁ ମର୍ଯ୍ୟାଦା ଦେବା ଉଚିତ । ଆମ ଦେଶ ମହାନ ତେବେ ହୋଇପାରିବ ଯେତେବେଳେ ଈଶ୍ୱରଙ୍କ ଭଳି ସମାଜ ମଧ୍ୟ ନାରୀ ଓ ପୁରୁଷଙ୍କୁ ସମାନ ମର୍ଯ୍ୟାଦା ଦେବ ।

ଟେଲିଭିଜନର ସମ୍ବାଦ ହେଉ ବା ଖବର କାଗଜରେ ପୃଷ୍ଠା
ଭରି ରହିଛନ୍ତି ସେଥିରେ ନାରୀ ନିର୍ଯ୍ୟାତନାର ସ୍ରଷ୍ଟା
ଆସିଲା ଏବେ ନାରୀ ନିର୍ଯ୍ୟାତନା ଦୂର କରିବାର ବେଳା
ଦୂର କର ହେ ଭାଇ ଭଉଣୀମାନେ ଏହି ଦୁର୍ଦ୍ଦିନର ଖେଳା ।

## ମିସ୍ କଲ ପ୍ରିୟା

***ନିରଞ୍ଜନ ମହାନ୍ତ**, ଯୁକ୍ତ ୩, ୨ୟ ବର୍ଷ କଳା*

ବନ୍ଧୁତ୍ୱର ପ୍ରଥମ ପ୍ରେମଭରା ଉପହାରଟି ଖାସ ମୋ ହୃଦୟରେ ବାସ କରୁଥିବା ସପନ ରାଇଜରେ ଅପସରୀ ପାଇଁ .... । ତୁମକୁ ସବୁକିଛି କହିଦେବା ପରେ ଏପରି ଲାଗେ ଆହୁରି ବହୁତ କିଛି କହିବାର ଅଛି । କରିଥିଲି କେବଳ ମୋ ହୃଦୟର ସବୁଯାକ ନିରୋଳ ସତ୍ୟ । ମୁଁ ଗୋଲାପ ତୁମ ହୃଦୟରେ । ନିଃଶବ୍ଦ ରାତିର ଶୁନଶାନ ପ୍ରହରରେ ମନେପଡେ ତୁମର ରଙ୍ଗିମା ଓଠରୁ ଝରିପଡୁଥିବା ମହୁଭରା ହସ ଓ କୋହ ଅପେକ୍ଷାରେ ମୁଁ ଥାଏ, ରାତିଦିନ କେବଳ ତୁମର ହ୍ୟାଲୋ ଶୁଣି ଦୂରେଇଯାଏ ମୋ ମନର ସବୁ ଦୁଃଖ ତୁମ ବିନା ବଞ୍ଚିବା ଏବେ ଅସହ୍ୟ । ଯଦି ଶୂନ୍ୟତାର ଭାଷା ବୁଝିପାରିବା ତେବେ ଜାଣିପାରିବ ମୁଁ ସତରେ ତୁମକୁ କେତେ ଭଲପାଏ । ମୁଁ ତୁମକୁ କଥା ଦେଉଛି କେବେ ବି ଦୁଃଖ ଦେବିନାହିଁ । ସାକ୍ଷାତ କରିବା ନିମନ୍ତେ ଦେଇଥିବା ତାରିଖକୁ କାକର ଭରା ଶୀତ ଦେଇଛି ଅଭିନନ୍ଦନରେ ମୁକ୍ତା, ରାତି ଦିନ ଏକତ୍ର କରି ଏ ନିରବ ବିନ୍ଦୁ ଅନାଇ ରହିଛି । ଜୀବନର ସେଇ ବସନ୍ତ ଅପେକ୍ଷାରେ ......... ତୁମର ମିସ କଲ ପାଇଁ ............ ।

ଇତି

ତୁମର ରଙ୍ଗିନ ଟୋକା (ନିରୁ)

# ଶିକ୍ଷାର ମହତ୍ତ୍ୱ

**ଅମିତା ସାହୁ**, ଯୁକ୍ତ ୩, ୧ମ ବର୍ଷ ବିଜ୍ଞାନ

ଏହି କାହାଣୀ ସତ୍ୟ ଘଟଣା ଉପରେ ଅଧାରିତ । ସୁନ୍ଦର ଶ୍ୟାମଳ ତରୁଲତାର ଛାଇ ତଳେ ଅବସ୍ଥିତ ଏକ ଛୋଟ ଗାଁଟିଏ । ଏକ ପ୍ରତ୍ୟକ୍ଷ ବାବାଙ୍କ ଆଶିର୍ବାଦରେ ସେହି ଗାଁ ସୁସଜ୍ଜିତ । ଗାଁଟି ଶିକ୍ଷାର ମନ୍ଦିର ଭାବରେ ପ୍ରସିଦ୍ଧ । ପିଲାଟିଏ ସେହି ଗାଁରେ ଜନ୍ମଶିକ୍ଷା ଅର୍ଥାତ୍ ନର୍ସରୀ ଶିକ୍ଷାଠାରୁ ଆରମ୍ଭ କରି ଗ୍ରାଜୁଏସନ ଶିକ୍ଷା ସଂପୂର୍ଣ୍ଣ କରିପାରିବେ । ସେହି ଗାଁର କଲେଜରେ ପଢିଛନ୍ତି ଗାଁର ଦୁଇଟି ଝିଅ ଶ୍ୱେତା ଓ ସ୍ନେହା ଓ ଗୋଟିଏ ବୋହୁ ଶ୍ରେୟା । ତାଙ୍କ ଜୀବନୀ ଶୁଣିଲେ କାହାଣୀ ପରି ଲାଗେ ।

ଶ୍ୱେତା ଯୁକ୍ତ ତିନି କଳା ପାସ୍ କରି ପାଠ ପଢି ଛାଡି ଦେଲା କାରଣ ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଲା ପାଠପଢା ଛାଡିଦେଇ ଘରର ଆର୍ଥିକ ପରିସ୍ଥିତି ସୁଧାରିବା ପାଇଁ ବିଭିନ୍ନ କାମରେ ଯୋଗଦାନ କଲା । ଶ୍ରେୟା ସେହି ଗାଁକୁ ବୋହୁ ହୋଇ ଆସିଥିଲା । ସେ ତା'ଗାଁରେ ଯୁକ୍ତ ତିନି କଳା ଦୁଇ ବର୍ଷ ପଢିଲା ପରେ ତା'ର ବାହାଘର ହୋଇଗଲା । ସ୍ନେହକ ଜୀବନୀ ମଧ୍ୟ ସାମାନ୍ୟ ସେହିଭଳି ଅଟେ । ସେ ହଷ୍ଟେଲରେ ମେଟ୍ରିକ ପାସ କଲା । ପୁଣି କଲେଜ ଶିକ୍ଷା ପାଇଁ ମଧ୍ୟ ହଷ୍ଟେଲରେ ରହି ପଢିବା ପାଇଁ ନିଷ୍ପତ୍ତି ନେଲା କିନ୍ତୁ ତାର ଭାଗ୍ୟ ଓ ଭଗବାନ ଅନ୍ୟ କିଛି ଚାହୁଁଥିଲେ ସେ ଯୁକ୍ତ ଦୁଇ ବିଜ୍ଞାନ ଏକ ବର୍ଷ ମଧ୍ୟ ସେହି ହଷ୍ଟେଲରେ ସଂପୂର୍ଣ୍ଣ କରିନପାରି ଘରେ ଆସି ରହିଲା ।

ସବୁ ଘଟଣା ପରେ ମଧ୍ୟ ସେମାନେ ପୁଣି ତାଙ୍କ ଅଧା ରହିଥିବା ଶିକ୍ଷାକୁ ପୂରା କରିବାର ନିଷ୍ପତ୍ତି ନେଲେ । ଶ୍ୱେତା ତା'ର ବହୁମୂଲ୍ୟ ୧୫ ବର୍ଷ ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହିଲା କିନ୍ତୁ ସେଥିରେ ତାକୁ ଆତ୍ମସନ୍ତୋଷ ମିଳିପାରିଲା ନାହିଁ । ସେ ପନ୍ଦରବର୍ଷ ପରେ ପୁଣି ବି.ଇଡି ଶିକ୍ଷା ଆରମ୍ଭ କଲା ।

ଶ୍ରେୟା ବାହାଘର ପରେ ଶାଶୁଘରକୁ ଆସି ମଧ୍ୟ ପାଠପଢା ଜାରି ରଖିବାକୁ ଉଚିତ ମନେ କଲା । ତାଙ୍କ ଗାଁରେ ଯୁକ୍ତ ତିନି ବିଜ୍ଞାନ ପଢିବାର ସୁବିଧା ନଥିବାରୁ ସେ ବାଧ୍ୟ ହୋଇ କଳାରେ ପଢିଥିଲା କିନ୍ତୁ ସେ ଶାଶୁଘର ଗାଁରେ ଯୁକ୍ତ ତିନି ବିଜ୍ଞାନର ସୁବିଧା ଥିବାରୁ ସେ ଆର୍ଟସ ଛାଡି ପୁଣି ପ୍ରଥମରୁ ଯୁକ୍ତ ତିନି ବିଜ୍ଞାନ ଶିକ୍ଷା ଆରମ୍ଭ କଲା । ତା'ର ପଢିବାର ନିଷ୍ପତ୍ତି ତା'ର ଶାଶୁଘର ଲୋକ ତାକୁ ସହଯୋଗ କଲେ ।

ସ୍ନେହା ସେହି ବର୍ଷ ଓ ମାସ ଘରେ ରହିଲା । ପୁଣି ସେ ତାର ଶିକ୍ଷା ପୂରଣ କରିବା ପାଇଁ ତାଙ୍କ ଗାଁ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଶିକ୍ଷା ପ୍ରଥମରୁ ଆରମ୍ଭ ହେଲା ଅର୍ଥାତ୍ ତାର ମଧ୍ୟ ଗୋଟିଏ ବର୍ଷ ନଷ୍ଟ ହୋଇଗଲା । ନିଜର ଅକ୍ଳାନ୍ତ ପରିଶ୍ରମ, ଦୃଢ ନିଷ୍ଠାପର, ବାପା ମାଆଙ୍କର ସହଯୋଗ ଓ ଭଗବାନଙ୍କ ଆଶିର୍ବାଦରେ ସେମାନେ ଆଜି ଆତ୍ମ ନିର୍ଭରଶୀଳ ଶ୍ୱେତା ବି.ଇଡି.ରେ ଭଲ ମାର୍କ ରଖି ଏବେ ଏକ ହାଇସ୍କୁଲ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ପାଇଯାଇଛି । ତା'ଜୀବନକୁ ସେ ଆନନ୍ଦରେ ଅତିବାହିତ କରୁଛି ।

ଶ୍ରେୟା ମଧ୍ୟ ଯୁକ୍ତ ତିନି ତୃତୀୟ ବର୍ଷ ପଢୁ ପଢୁ ଚାକିରୀରେ ନିଯୁକ୍ତି ପାଇଗଲା । ବର୍ତ୍ତମାନ ସେ ମଧ୍ୟ ଏକ ସୁପ୍ରତିଷ୍ଠିତ ଜୀବନ ଅତିବାହିତ କରୁଅଛି ।

ସ୍ନେହା ଗାଁ କଲେଜରେ ପଢି ମଧ୍ୟ ଯୁକ୍ତ ଦୁଇ ବିଜ୍ଞାନରେ ବହୁତ ଭଲ ମାର୍କ ରଖିଲା ଏବଂ ଭଗବାନଙ୍କ ଆଶିର୍ବାଦରେ ସେ regional କଲେଜରେ ପଢିବାର ସୁଯୋଗ ପାଇଗଲା । ସେ ସେଠାରେ ତିନି ବର୍ଷ ଯୁକ୍ତ ତିନି ବିଜ୍ଞାନ ଏବଂ ବି.ଇଡି ଶିକ୍ଷା ସଂପୂର୍ଣ୍ଣ କଲା ଏବଂ ଏବେ ସେ ମଧ୍ୟ ଚାକିରୀରେ ନିଯୁକ୍ତି ପାଇସାରିଛି । କିନ୍ତୁ ତାର ପଢିବାର ଇଚ୍ଛା ପାଇଁ ସେ ଏବେ ଏମ୍.ଏ.ସି. ଶିକ୍ଷା କରୁଅଛି । ଚାକିରୀ ସହ ମଧ୍ୟ ସେ ପଢା ଜାରି ରଖିଛି ଏବଂ ଏକ ଆନନ୍ଦମୟ ଜୀବନଯାପନ କରୁଛି ।

ସେମାନେ ତିନିଜଣ ଶିକ୍ଷାର ମହତ୍ତ୍ୱ ବୁଝିଅଛନ୍ତି ତେଣୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ପାଠ ପଢା ଜାରି ରଖି ଦୁନିଆକୁ କିଛି ଶିକ୍ଷା ଦେଇଛନ୍ତି । ଆଜି ସେମାନେ ସମାଜ ପାଇଁ କିଛି କରି ଲୋକଙ୍କ ଅନ୍ଧବିଶ୍ୱାସ (ଝିଅ ବୋହୁ କିଛି କରି ପାରିବେ ନାହିଁ) କୁ ମିଥ୍ୟା ବୋଲି ପ୍ରମାଣ କରିଦେଇଛନ୍ତି ।

ତେଣୁ ସମସ୍ତେ ଶିକ୍ଷାକୁ ଗୁରୁତ୍ୱ ଦେବା ଉଚିତ୍ ଯାହାଦ୍ୱାରା ଆମେ ସମାଜରେ ବହୁ ଉନ୍ନତି ସାଧନ କରିପାରିବା ଓ ଲୋକଙ୍କ ମନରେ ଥିବା ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସକୁ ଦୂର କରିପାରିବା ।

# ବୁଢିଆ ଚୋର ମନ୍ତ୍ରୀ ହେଲା

ଶୋଭାବତୀ ପରିଡା, ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା

ଗୋଟିଏ ସହରରେ ଦୁଇ ଭାଇ ବାସ କରୁଥିଲେ । ଘରେ ବୁଢୀ ମାଆ ବ୍ୟତୀତ ଆଉ କେହି ନଥିଲେ । ସେ ଦୁହେଁ ଚୋରି କରି ନଥିଲେ । ଥରେ ରାଜନଅରରୁ ଚୋରି କରିବା ପାଇଁ ସେମାନେ ଯୋଜନା କଲେ । ରାଜନଅରର ଛାତ କଣାକରି ଘର ଭିତରକୁ ଗଲେ । ମୂଲ୍ୟବାନ ପଦାର୍ଥ ଚୋର ନକରି କେତେକ ଅଦରକାରୀ ଜିନିଷ ଚୋରି କରି ସେମାନେ ନେଇ ଆସିଲେ ସକାଳୁ ଶୁଣି ରାଜା ମନ୍ତ୍ରୀ ପରିଷଦର ସଭା ଡକାଇଲେ । ମହାମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଏ ଘଟଣା ପ୍ରଘଟ କରାଗଲା ନାହିଁ ।

ମନ୍ତ୍ରୀଙ୍କ କହିବା ଅନୁଯାୟୀ ରାଜ ନଅରର ଯେଉଁ କୋଠରୀରୁ ଚୋରି ହୋଇଥିଲା । ରାଜାଘର ଲୋକ ଗତ ରାତିରେ ଚୋରି କଥା ଜାଣିନଥିବା ଭାବି ପରଦିନ ଦୁଇ ଭାଇ ଚୋରି କରିବାକୁ ଆସିଲେ । ଜଣେ ଭାଇ ଭିତରକୁ ପଶିଲା । ଅନ୍ୟ ଭାଇଟି ଛାତ ଉପରେ ଜଗି ବସିଲା । ସାନଭାଇ ଘର ଭିତରେ ପଶି ଥିବାରୁ ସିପାହୀମାନଙ୍କ ଦ୍ୱାରା ଧରା ପଡିଲା । ବଡଭାଇ ଖସି ପଳାଇଲା । ଚୋରକୁ ରାଜ ଦରବାରର ହାଜର କରାଗଲା । ଫାଶି ଦେବାକୁ ରାଜା ଆଦେଶ ଦେଲେ । ହେଲେ ମନ୍ତ୍ରୀ କହିଲେ, ନାଇଁ ମଣିମା ସେମିତି କଲେ ଜଣେ ଚୋର ସିନା ମରିଯିବ, ହେଲେ ଅନ୍ୟ ଚୋରଟାକୁ ଆମେ ଧରିପାରିବାନି । ବରଂ ଗୋଟିଏ କାର୍ଯ୍ୟ କରାଯାଉ, ପିଞ୍ଜରା ଭିତରେ ଏହାକୁ ରଖି ରାଜଧାନୀର ମୁଖ୍ୟ ରାସ୍ତାରେ ରଖି ଦିଆଯାଉ । ସେ ରାସ୍ତାରେ ଯାଉଥିବା ଲୋକେ ତ ନିଶ୍ଚୟ ତାକୁ ଘୃଣାରେ ଛେପ ପକାଇବେ ବା ଟେକା ଫୋପାଡିବେ । ତା ସାଥି ଚୋର ଏକଥା ସହି ନପାରି ତାକୁ ମୁକୁଳାଇବାକୁ ନିଶ୍ଚୟ ଆସିବ, ସେତେବେଳେ ତାକୁ ଧରିନେବା ।

ସାନଭାଇଙ୍କୁ ଦେଖିବା ପାଇଁ ବଡ ଭାଇର ଖୁବ ମନ ହେଲା । ସେ ମାଆ ପାଖକୁ ଯାଇ କହିଲା, "ମୁଁ ଯେମିତି ହେଲେ ସାନଭାଇକୁ ପିଞ୍ଜରାରୁ ନେଇ ଆସିବି" ଯେମିତି ରାତି ଅଧ ହୋଇଛି, ଦି କାନ୍ଧରେ ଦିଂଘ ବଡ ବଡ ଡେଣା ଖଞ୍ଜି ନାକରେ ବଡ ବଡ ନିଶ ହଳେ ଲଗାଇ ସେ ବାହାରି ପଡିଲା । ସାନଭାଇ ଯେଉଁ ପିଞ୍ଜରାରେ ବନ୍ଦୀ ହୋଇଥିଲା । ସେଠାରେ ପହଞ୍ଚିଲା ରାତି ସମୟ, ବିଚିତ୍ର ବେଶରେ ଜନ୍ତୁଟାଏ ଦେଖି ସିପାହୀ ଡରି ଯାଇଛି । ବଡଭାଇ କହିଲା, "ମୁଁ ଯମରାଜା" ଏଇ ଚୋରକୁ ନେବାକୁ ଆସିଛି । ମୋତେ ପିଞ୍ଜିରାର ଚାବି ଦିଅ । ତା'କଥା ଶୁଣି ଚାବି ରଖିଥିବା ସିପାହୀଟି ଥରିବାକୁ ଲାଗିଲା । ତା'ହାତରୁ ଚାବିଟା ତଳେ ଖସି ପଡିଲା ।

ଚାବିଟା ନେଇ ବଡଭାଇ ପିଞ୍ଜରା ଖୋଲି ସାନଭାଇକୁ ଧରି ରାତାରାତି ସେ ସ୍ଥାନ ଛାଡି ଅନ୍ୟଆଡେ ଚାଲିଗଲେ । ଚୋର ପିଞ୍ଜରା ଭିତରୁ ଖସି ଯାଇଥିବା ଶୁଣି ରାଜା ଭୟଙ୍କର ବିରକ୍ତି ହେଲେ । ମନ୍ତ୍ରୀ କହିଲେ ମଣିମା ଚୋରଟା ଖୁବ୍ ଚାଲାକ, ତାକୁ ଧରିବା ପାଇଁ ମୁଁ ଗୋଟିଏ ନୂଆ ଉପାୟ ଚିନ୍ତା କରିଛି । ଆମେ ମୁଖ୍ୟ ରାସ୍ତାରେ କେତେଗୁଡିଏ ସୁନା ମୋହର ପକାଇ ଦେବା, ସାଧାରଣ ଲୋକ ସେହି ମୋହରକୁ ନେବାକୁ ସାହସ କରିବେନି କିନ୍ତୁ ଚୋର ନିଶ୍ଚୟ ଲୋଭ କରିବ । ସେ ଯେତେବେଳେ ସୁନା ମୋହର ଚୋରେଇବାକୁ ଆସିବ, ଆମ ସିପାହୀମାନେ ତାକୁ କାବୁ କରିନେବେ । ମନ୍ତ୍ରୀଙ୍କ କଥା ଅନୁସାରେ । ସିପାହୀମାନେ ଲୁଚି ରହିଲେ । ବଡଭାଇ ଗୋଟିଏ ଓଟ ଯୋଗାଡ କରି ତା'ପାଦତଳେ ଅଠା ଲଗାଇ ବେପାରୀ

ବେଶ ଧରି ତା'ପିଠିରେ ବସି ରାଜଧାନୀକୁ ଗଲା । ସୁନା ମୋହର ପଡିଥିବା ରାସ୍ତାରେ ଓଟ ଯିବାରୁ ତା'ପାଦରେ ସୁନା ମୋହର ତକ ଲାଗିଗଲା । ଏକଥା କେହି ଜାଣି ପାରିଲେ ନାହିଁ ।

ଏକଥା ଶୁଣି ରାଜାଙ୍କ ମନ୍ତ୍ରୀଙ୍କ ଉପରୁ ବିଶ୍ୱାସ ତୁଟିଗଲା । ସେ ମନ୍ତ୍ରୀଙ୍କୁ ଡାକି କହିଲେ – "ମୁଁ ଦେଖୁଛି ଚୋର ତୁମଠାରୁ ବେଶି ବୁଦ୍ଧିଆ । ଯଦି ତୁମେ ଚୋରକୁ ଧରି ନ ପାରିବ ତୁମକୁ ବାହାର କରି ଦେଇ ଚୋରକୁ ମୁଁ ମନ୍ତ୍ରୀପଦ ଦେବି' ମନ୍ତ୍ରୀ କହିଲେ, ମଣିମା ମୋତେ ଆଉ ଗୋଟିଏ ମାତ୍ର ସୁଯୋଗ ଦିଅନ୍ତୁ । ଯଦି ମୁଁ ଅସଫଳ ହେବି ମୋତେ ବାହାର କରି ଚୋରକୁ ମନ୍ତ୍ରୀ କରିବେ' ମନ୍ତ୍ରୀଙ୍କ କହିବା ମୁତାବକ ଗୋଟିଏ ବଡ ଭୋଜିର ଆୟୋଜନ କରାଗଲା । ଅନେକ ଲୋକ ଭୋଜି ଖାଇବାକୁ ଆସିଲେ । ଚୋରବି ସେଠାକୁ ଆସିଥାଏ । ତା'ର ବଡ ବଡ ନିଶ ହଳକୁ ଦେଖି ଜଣେ ସିପାହୀ ତାକୁ ଚିହ୍ନିପାରିଲା । ସେ ତାର ଗୋଟିଏ ପାଖ ନିଶକୁ ଟାଣିଧରି ପାଟିକରି ଉଠିଲା, "ଚୋର ଚୋର" ଏକଥା ଦେଖି ଚୋର ସେ ଫାଳ ନିଶଟା କାଟିଦେଲା । ସିପାହୀ ହାତରେ ନିଶଟା ରହିଗଲା ଓ ଚୋର ଧାଇଁ ପଳାଇଲା ସିପାହୀର ପାଟି ଶୁଣି ମନ୍ତ୍ରୀ ଧାଇଁ ଆସିଲେ । ତାଠାରୁ ସବୁକଥା ଶୁଣି ରାଜବାଟୀର ମୁଖ୍ୟ ଫାଟକ ପାଖରେ ଜଗି ରହିବାକୁ ସିପାହୀଙ୍କୁ ଆଦେଶ ଦେଲେ ।

ଏହା ଭିତରେ ଚୋର ତା'ଛୁରୀ ଦ୍ୱାରା ଅନେକ ଲୋକଙ୍କର ନିଶରୁ ଫାଳେ ଫାଳେ କାଟି ଦେଇଥାଏ । ଆଉ ନିଜ ନିଶର ଆର ଫାଳଟା ସଫା କରିଦେଇ ଆରାମରେ ଭୋଜି ଖାଇବାରେ ଲାଗିଥାଏ । ଚୋରକୁ ଧରିବା ନ ହେବାରୁ ମନ୍ତ୍ରୀ ହାର ମାନିଲେ । ରାଜା ଭୋଜିରେ ଘୋଷଣା କଲେ ଯେ ବୁଦ୍ଧିଆ ଚୋରକୁ ସେ ମନ୍ତ୍ରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏକଥା ଶୁଣି ବଡଭାଇ ରାଜାଙ୍କୁ ନିଜର ପରିଚୟ ଦେଲା । ରାଜା ପାଖରେ ଦୁଇ ଭାଇ ଚାକିରି କରି ଚୋରି ଛାଡିଦେଲେ ।

## ପ୍ରେମ ନୁହେଁ ଏ ମାୟା ଜାଲ

**ବିଶିକେସନ ପଣ୍ଡା**, *ଯୁକ୍ତ ୩, ୨ୟ ବର୍ଷ କଳା*

ଏତେ ବଡ ଦୁନିଆରେ ସେହି ଅଭୁଲା କଥା ଓ ଅଭୁଲା କଥାକୁ କେତେ ଦିନ ଧରି ମୋର ଛାତି ଭିତରେ ଚାପି ଧରିବି । ଅନ୍ତତଃ କଛି ଦୁଃଖ ଅନ୍ୟ ପାଖରେ ପ୍ରକାଶ କଲେ ମନର କିଛିଟା ଦୁଃଖ ହାଲୁକା ହୋଇଯିବ । ହେଲେ ସେହି ଭଳି ଲୋକ ମିଳିଲେ ତୋ ? ମୁଁ କାହାକୁ ନିଜର ଭାବିବି ? କିଏ ମୋର ଅନ୍ତରର ବେଦନା ବୁଝିବ ।

ଜୀବନର ଏକ ସାଥିଟିଏ ପାଇବା ପାଇଁ କାହାର ମନ ନଥାଏ । ତା ସାଙ୍ଗରେ ଦୁଃଖ, ସୁଃଖ ଗପିବାକୁ ମନ ନଥାଏ । ସମସ୍ତଙ୍କର ଦାନ ବାହାନ ହୋଇ ଚନ୍ଦ୍ରକୁ ହାତ ବଢାଇବା ହେଲେ ମୁଁ ବହୁ ଚେଷ୍ଟା କରିଛି ମନର ମଣିଷ ପାଇବା ପାଇଁ । ହେଲେ ଭାବି କଣ ହେବ । ଭାବନା କେବେ ସତ୍ୟ ହେବ ? ମୁଁ ରାତିରେ ଏକ ବିରାଟ ସପନ ଦେଖିଲି । ହେଲେ ମୁଁ ପ୍ରଶ୍ନ କରୁଛି ସପ୍ନ କେବେ ସତ୍ୟ ହୋଇଥାଏ ।

ପ୍ରଥମରୁ କହିଥିଲି ଯେ ମୋର ଦୁଃଖ ଆସିଲେ, ଦୁଃଖରେ ବନ୍ୟାକୁ ବୁଝି ପାରୁଥିବା ସାଥିଟିଏ ଦରକାର ! ହେଲେ ଭାଗ୍ୟ ଏତେ ଜୋର ଯେ – କେଉଁ ଦିଗରୁ ବାତ୍ୟା ଭରି ଦେଲା ମୋର କମଳ ହୃଦୟରେ ଆପଣା ବିଶ୍ୱାସ କରିବେନି ଭାଗ୍ୟକୁ ସେମିତି ସାଥୀଟିଏ ମିଳିଗଲା । ଠିକ ଫୁଲକୁ ଭଅଁର ଆସିଲା ପରି । ପ୍ରଥମ ଦେଖାରେ କେତୋଟି ପଦ କଥା ପାଠ ବିଷୟରେ ହୋଇ ଥିଲୁ କିନ୍ତୁ ତା ସହିତ ପ୍ରଥକ ଅତି ଘନିଷ୍ଠ ସଂମ୍ପର୍କ ଛାଇଯିବ । ମୁଁ ଭାବିଥିଲି ଥରେ

ନ ଭାବିବା କଥା ହୋଇଯାଏ । ମୁଁ କିନ୍ତୁ ସେଇ ଝିଅକୁ ଦେଖିଲା ପରେ ମନେ ହେଉଥିଲା । ଧନୀ ଘରର ଝିଅଟି ଭଲ ଝିଅଟି, ଆପଣମାନେ ପ୍ରଶ୍ନ କରିପାରିବେ କିନ୍ତୁ ମୁଁ ଦେଇ ପାରିବି ନାହିଁ । ତେଣୁ ହିନ୍ଦିରେ କହନ୍ତି ପ୍ୟାର କିୟା ନେହିଁ ଜାତା ନେହିଁ । ମୋ ମନରେ ବିଭିନ୍ନ ପ୍ରକାର ଚିନ୍ତା ପଶିଲା । ଧନୀ ଘରର ଝିଅ ଗରିବ ଘରେ ରହିବାକୁ ପସନ୍ଦ କରନ୍ତି ନାହିଁ । ତେଣୁ ମୁଁ ମୋର ଯୌବନ ଗାଡିରେ ବ୍ରେକ ମାରିଲି କିନ୍ତୁ ଝିଅର ଚୁମ୍ବକୀୟ ଆକର୍ଷଣର ଶକ୍ତି ଏତେ ପ୍ରକାର ଥିଲା ଯେ ମୋର ବ୍ରେକ ଫେଲ ହୋଇ ଗଲା । ତାର କୁନି କୁନି ଓଠରେ ମୃଗନୟନର ଚାହାଣୀରେ ମୁଁ ସବୁ ଭୁଲି ଯାଇଥିଲି । ହେଲେ ଆମ ପରିବାର ଏତେ ଶୋଚନୀୟ ଥିଲା ଯେ ତା ସହିତ କଥା ହେବା ପାଇଁ ସଙ୍କୋଚ କରୁଥିଲା । ହଠାତ୍ ଦିନେ କଲେଜ ପଡିଆରେ ପେରେଡ ଅଭ୍ୟାସ କରୁକରୁ କ୍ଳାନ୍ତ ହୋଇ ରୁମ ଭିତରେ ବସିଥାଏ, ରୁମର ଝରକା ପାଖରେ ପିଣ୍ଡିରେ ବସିଥାଏ ଝିଅଟା । ତାର ନାମ ଥିଲା ବର୍ଷା । ମୁଁ ଯେତେବେଳେ ଝରକା ପଟକୁ ଚାହିଁଲି ସେତେବେଳେ ମୋତେ ଦେଖି ଲାଜରେ ଝାଉଁଳି ପଡିଲା । ମୁଁ ଭାବିଲି କାହିଁକି ମୋତେ ଦେଖି କୁନି କୁନି ଓଠରେ ହସୁଛି । ତାକୁ ମୁଁ ସିଧା ସଳଖ କହିଲି I Love You ସେ କିନ୍ତୁ ମନା କଲା । ମୁଁ କିନ୍ତୁ ତାର କଥାକୁ ଶୁଣିଲି ନାହିଁ କାରଣ ଗୋଲାପି ରଙ୍ଗର ଚୁଡିଦାର ପଞ୍ଜାବୀ ପରିଧାନ କରିଥିଲେ । ସହଜ ରଙ୍ଗର ଓଢଣୀ ପଡିଛି ତୁମ ବଭାରେ । ଆଖିରେ ନୀଳ ସାଗର ଢେଉ ଭାଙ୍ଗୁଥିଲା, ଗୋଲାପି ଓଠରେ ଖିଲି ଖିଲି ହସ ମୁଁ ଭାବୁଥିଲି ଜୀବନ ପଥରେ ଜୀବନସାଥି କରିବି ।

ମୋର ପରିବାର ଶୋଚନୀୟ ଅବସ୍ଥା ପାଇଁ ମୁଁ ସବୁବେଳେ ଚିନ୍ତିତ । ହେଲେ ମୋ ଦୁଃଖର କଥାକୁ ମୋ ମନର କଥା ବର୍ଷା ଜାଣି ପାରିଲା ନାହିଁ । ବର୍ଷାକୁ ମୁଁ କହିଲି ବର୍ଷା ସତରେ ମୁଁ ସାଗରର ନାବିକ । ମୋର ଏଇ ଦଦରା ନାଚରେ ତୁମ ରୂପର ସୀମା ନିର୍ଦ୍ଧାରଣ କରିପାରିଛ ?

ମୋର ବର୍ଷା ସହିତ କିଛି ମାସ ଉପରେ ଖୁସିରେ ଗଡି ଚାଲି ଥାଏ । ବର୍ଷାକୁ ମୁଁ ଲବୁବେଳେ ଗୋଟେ କଥା ନୁହେଁ । ତୁମେ ଯଦି ମୋର ଜୀବନ ସାଥୀ ହେବ ତେବେ ତୁମକୁ ସବୁ ଚେଷ୍ଟା କରିବାକୁ ହେବ । ବର୍ଷାର କେତେକ କଥାବାର୍ତ୍ତା କିଛିମାସ ପଶିଲା ପରେ ମୋତେ ଭଲ ଲାଗୁନଥାଏ । ବେଳେବେଳେ ମୋତେ ଲାଗେ ତାର ଜାଲବନ୍ଧା ହୋଇଛି ଭଳି ଲାଗେ କାରଣ – ତତୋ ଗୋଟିଏ ପୁଷ୍ପ ଉଦ୍ୟାନ । ମାତ୍ର ମୁଁ କଳା ଭ୍ରମର ଯିଏକି ଚାହେଁ ତୁମ ଉଦ୍ୟାନରେ ପୁଷ୍ପରୁ ମଧୁ ସଂଗ୍ରହ କରିବାକୁ । ମଧୁ ମଧୁ ସଂଗ୍ରହ କରୁ କରୁ ଯଦି ତୁମ ପାଖୁଡାରେ ମୁଦି ହୋଇଥାଆନ୍ତା ତାହେଲେ ମୁଁ ତା ମଧ୍ୟରେ ଶାନ୍ତିଲେ ଶୋଇଯାଆନ୍ତି ଚିରଦିନ ପାଇଁ ।

ବର୍ଷା ଦିନେ ମାର୍କେଟ ଯିବାକୁ ପ୍ରସ୍ତୁତ ହେଉଥାଏ ଯିବା ପାଇଁ । ମୁଁ ଯାଇ ଥିଲି କିନ୍ତୁ ମୋ ପାଖରେ ଛିଡା ହେଲେ ନାହିଁ । ସେଇଠୁ ମୋତେ ବହୁତ ଅପମାନ ଲାଗିଥିଲା । ସେଇଠୁ ବର୍ଷା କେମିତି ଝିଅ ମୁଁ ଜାଣିଥିଲି । ତାପରେ ଗୋଟିଏ ପ୍ରେମିକର ହୃଦୟକୁ ଯଦି ପ୍ରେମିକା ଜାଣିପାରିଲା ନାହିଁ । ସେ କି ପ୍ରେମିକା । ପ୍ରେମର ଅର୍ଥ ଯିଏ ଜାଣେନି, ସିଏ କେବେ ପ୍ରେମ କରିପାରିବନି । ପ୍ରେମ ଅର୍ଥ-ପ୍ରେରୁ 'ପ୍ରେ'ମ 'ମ' ରୁ ମମତା

ବର୍ଷା ସେତେବେଳେ ଶୁଣିଲା ମୁଁ ତାକୁ ଭଲପାଏନାହିଁ । ସେ ବହୁତ ଦୁଃଖ କଲା । ବର୍ଷା କିନ୍ତୁ ଜାଣେ ନାହିଁ ସେ କଣ ଭୁଲ କରୁଛି । ତାକୁ ମୁଁ ବହୁତ ବୁଝାଇଲି ପ୍ରେମ ଗୋଟେ ଖେଳ ତାର ନୁହେଁ । କାରଣ ମୁଁ ତୁମକୁ ଜୀବନ ସାଥି କରିପାରିବି ନାହିଁ । ତୁମେ ମୋର ମନରକଥା ଜାଣିପାରିଲ ନାହିଁ । ମୁଁ କେମିତି ଭଲପାଇବି । ମୁଁ ଭାବିଥିଲି ତୁମେ ବହୁତ ଭଲ ଝିଅ କିନ୍ତୁ ମୁଁ ବହୁ ଥର ଧକ୍କା ଖାଇଛି । ମୋତେ ଭୁଲି ଆଉ କାହାକୁ ଭଲ ପାଅ । ମୁଁ ମୋର ନିଷ୍ପତ୍ତି ନେଇଛି କୌଣସି ଝିଅକୁ ଜୀବନ ସାଥି କରିବି ବୋଲି ଭାବିବିନି । ବର୍ତ୍ତମାନ ମୁଁ ମୋର ପାଠପଢା, ଭବିଷ୍ୟତ ଓ ମୋର ପରିବାରକୁ ଦେଖୁଛି ।

# ଭୁଲିବାକୁ କଷ୍ଟ ହେଉଛି

**ମଧୁସୂଦନ ସୋରେନ୍**, *ଯୁକ୍ତ ତିନି ପ୍ରଥମ ବର୍ଷ କଳା*

ମୋ ଚିଠି ଗୁଡିକ ତୁମ ମନରେ ଆଘାତ ଦେଇଛି ବୋଲି ତୁମେ ତୁମ ସାଙ୍ଗମାନଙ୍କୁ କହିଚାଲିଛ । ମୋର ଠିକ୍ ମନେ ଅଛି ସେଇ ଦିନର କଥା । ଏକ ଦୁର୍ବଳ ମୁହୂର୍ତ୍ତରେ ତୁମେ ମୋ ହୃଦୟରେ ଆସ୍ଥାନ ଜମାଇ ଥିଲା କାରଣ ସବୁ ସ୍ମୃତି ଗୁଡାକ ଆଜି ସ୍ମୃତିର ଅଥଳ ସାଗରରେ ଲୀନ ହେବାକୁ ବସିଲାଣି । କିନ୍ତୁ ଭୁଲିପାରୁନି ତୁମକୁ ଭୁଲି ପାରୁନି ତୁମ ସହିତ ବିତାଇ ଥିବା ସେହି ସୁନ୍ଦର ମୁହୂର୍ତ୍ତକୁ । ସେହି ବର୍ଷା ବଧୌତ ଦିବସରେ ମୁଁ ତୁମ ଠାରୁ ପାଇଥିଲି ନିବିଡ ଆତ୍ମୀୟତା । ତୁମ କଥା କୁହା ଆଣି ବେଶ ମନ ଛୁଆଁ ଥିଲା । କିଏ କାହିଁକି କହିବା ଆଗରୁ ଦୁହେଁ ଦୁହିଁଙ୍କ ଆଖିରେ ଧରା ପଡିଲେ । ଆମ ସମ୍ପର୍କ ବିଷୟରେ ସହପାଠୀ ଓ ସହପାଠିନୀ ମାନେ ଜାଣିଲେ । ନିୟତର ନିଷ୍ଠୁର ନିର୍ଦ୍ଦେଶରେ ଆମେ ଦୁହେଁ ଅଲଗା ହୋଇ ଯାଇଛେ । ଜଣେ ବାନ୍ଧବଙ୍କ ଠାରୁ ଶୁଣିବାକୁ ପାଇଲି ଯେ ତୁମର ବିବାହ ଠିକ୍ ଚାଲିଛି । ଅନେକ ଆଶା ଆକାଂକ୍ଷାକୁ ପାଥେୟ କରି ତୁମ ଘରକୁ ଛୁଟି ଯାଇଥିଲି । ଦେଖୁଦେଖୁ ମୋତେ ଗାଳି ବର୍ଷଣ କରିବାକୁ ଲାଗିଲେ । ମୁଁ କିନ୍ତୁ ବୁଝିପାରୁନଥିଲି । ଭଗ୍ନ ମନୋଭାବ ହୋଇ ମୁଁ ଫେରି ଆସିଲି । ଜାଣି ପାରୁ ନଥିଲି ସତରେ ଜୀବନ କୁରୁକ୍ଷେତ୍ରର ଏମିତି ଶୋଚନୀୟ ଭାବରେ ପରାଜୟ ବରଣ କରିବାକୁ ପଡିବ ବୋଲି । ତୁମ ସାଙ୍ଗ ମାନଙ୍କଠାରୁ ଶୁଣିବାକୁ ପାଇଲି ଯେ ତୁମ ବାପା, ମାଙ୍କର କଥାରେ ରାଜି ହୋଇ ସେମାନଙ୍କ ମାନ ସମ୍ମାନ ପାଇଁ ଅନ୍ୟତ୍ର ବିବାହ କରିବାରୁ ମନ ବଳେଇଛ କାରଣ ମୁଁ ଜଣେ ବେକାର ଓ ଗରିବ ଘରର ପୁଅ । ଏଥିପାଇଁ ମୋଠାରୁ ଦୂରେଇ ଯାଇଛ । ଆବେଗକୁ ନେଇ ମାପୁଥିଲି ତୁମଠାରେ ପ୍ରେମର ଦୃଢତା, ଠିକ୍ ସେତିକି ବେଳେ ତୁମେ ମାପୁଥିଲ, ମୋ ପକେଟର ଉଷ୍ମତା । ମୁଁ ତ ତୁମକୁ ଆଗରୁ କହିଦେଇ ଥିଲି ମୁଁ ଜଣେ ଗରିବ ଘରର ପିଲା । କ'ଣ ବା ଦେଇ ପାରିଥାନ୍ତି ତୁମକୁ ? ବେଳ ବୁଡିଗଲେ ନିଜ ଛାଇବି ଅନ୍ଧାରରେ ମୁହଁ ଲୁଚାଇଦିଏ । ଥୁଣ୍ଟା ଅଶ୍ୱଥ ଗଛଟା ଉପରେ ତୁମେ କାହିଁକି ବସାବାନ୍ଧିଥାନ୍ତୁ ? ତୁମକୁ ଭଲପାଇ ମୁଁ ଅନେକ ହାରିଛି । ଜୀବନ ଯାକର ସବୁ ସଫଳତା ମୋର ମାଟିରେ ମିଶିଯାଇଛି ।ସମୟ ସୁଅରେ ନିଃସହାୟ ତୃଣଟିଏ ପରି ମୁଁ ଭାସିଚାଲିଛି । ମୁଁ ଆଜି ପାଲଟି ଯାଇଛି ବ୍ୟର୍ଥ ପ୍ରେମର ମହାନାୟକ ଚାହିଁଲେ ପ୍ରତିଶୋଧ ନେଇ ପାରନ୍ତି ହେଲେ ମୁଁ ପାରିବିନି କାରଣ ତୁମ ଦେହରେ କଣ୍ଟା ବାଜିଲେ ମୋ ଦେହରୁ ଝରେ ରକ୍ତ । ତୁମ ଆଗରେ କିମ୍ବଦନ୍ତୀ ପୁରୁଷଟିଏ ହୋଇ ପାରିବି ସେ ଅସାଧାରଣ ବ୍ୟକ୍ତିତ୍ୱ ମୋ ପାଖରେ ନାହିଁ । ତଥାପି ତୁମ ଭାବ ନାକୁ ନିଃଶବ୍ଦ କଲମ ମୂନରେ ସ୍ଥାନ ଦେଇ ଲେଖ କଟିଏ ହୋଇ ଯିବାର ପ୍ରୟାସ କରିଛି । ମୋର ମନେଅଛି ଗଳ୍ପ ଭିତରେ ହିଁ ତୁମକୁ ପାଇଥିଲି । ସେଥିପାଇଁ ନକହି ପାରୁଥିବା ଅକୁହା କଥା ପ୍ରକାଶ କଲି । ମୋ ଛାତି ଭିତରେ ଥିବା ସବୁ ଦମ୍ଭ ଭାଙ୍ଗି ଚିକି ଚିକି ହୋଇ ଯାଇଛି । ତୁମ ଭଲପାଇବାଟା ଯେମିତି କଷ୍ଟ ତା ଠାରୁ ତାକୁ ଭୁଲିଯିବାଟା । ଏ ଦୁନିଆରେ ତୁମେ ଯେଉଁଠି ରହିଲେ ବି ତମ କଥା ସଦାସର୍ବଦା ମନେପଡୁଥିବ । କେବଳ ଏତିକି ଦୁଃଖ ତୁମକୁ ମନ ଦେଇ ମୁଁ ପାଇଲି କ'ଣ ? ପୁଷ୍ପବଟିକାରେ ଲୁଚକାଳି ଖେଳ, ଭଲପାଇବା ମାୟାଜାଲ ବିଛାଇଲ, ସବୁତ ଶିଖେଇଲ ଶିଖେଇ ଦେଲ ନାହିଁ ଭଲ ପାଇ କେମିତି ଭୁଲିବାକୁ ହୁଏ । ମନର ଆଳାପ ସୂତ୍ର ପକେଇ ଜୀବନରେ ପ୍ରେମ କରିବି ଏଥିପାଇଁ ଅନ୍ୟ ଜଣଙ୍କର ସାହାଯ୍ୟ ଦରକାର । ଯେଉଁଟା ଆଜି ମୋ ପାଖରେ ନାହିଁ ।

# ଭାଇ ଭଉଣୀଙ୍କର ସ୍ନେହ

**ରାଇମଣି ମାଣ୍ଡି** ଯୁକ୍ତ ତିନି ପ୍ରଥମ ବର୍ଷ କଳା

କଳା ଯମୁନା ବୋଲି ଗୋଟିଏ ଗାଁ ଥିଲା । ସେହି ଗାଁରେ କେତେକ ଧନୀ ଲୋକ ବସବାସ କରନ୍ତି ଏବଂ ଦରିଦ୍ର ନାଗରିକ ମଧ୍ୟ, ସେହି ଦରିଦ୍ର ମଧ୍ୟରୁ ଗୋଟିଏ ଛୋଟ ସୁଖି ପରିବାରଟିଏ ଥିଲା । ସେହି ପରିବାରରେ ବାପା, ବୋଉ, ଭାଇ ଏବଂ ଭଉଣୀ ରହୁଥିଲେ । ବାପା ଖଟିକି ଆଣୁ ଥିଲେ ମଧ୍ୟ ସୁଖି ପରିବାରଟିଏ ରହୁଥିଲା ଏବଂ ପର୍ବପର୍ବାଣିରେ ସୁଖ ଶାନ୍ତିରେ ଦିନ ଗୁଡାକ କାଟନ୍ତି ।

ଦିନେ ବାପା କାମ କରିବାକୁ ଚାଲିଯାଇଛନ୍ତି । ସୁନ୍ଦର ଏବଂ ଲଳିତା ମଧ୍ୟ ପାଠ ପଢିବାକୁ ଯାଇଛନ୍ତି । ସୁନ୍ଦର ଦଶମ ଶ୍ରେଣୀରେ ପାଠ ପଢୁଥାଏ ଏବଂ ଲଳିତା ନବମ ଶ୍ରେଣୀରେ ପାଠପଢୁଥାଏ । ହଠାତ୍ ଏଗାରଟାବେଳେ ବାପାଙ୍କର ଦେହ ଖରାପ ହେବାର ପିଅନ ସୁନ୍ଦର ଭାଇଙ୍କୁ କହୁଥିଲେ । ତା ସଙ୍ଗେ ସଙ୍ଗେ ସୁନ୍ଦର ଓ ଲଳିତା ସ୍କୁଲରୁ ଦୌଡି ଆସିଲେ, ଘରକୁ ପହଞ୍ଚିବାମାତ୍ରେ ଦେଖିଲେ ବାପା ଖଟ ଉପରେ ଶୋଇ ରହିଛନ୍ତି ଏବଂ କଥା ମଧ୍ୟ କହୁନାହିଁ । ବାପାଙ୍କର ଏ ଅବସ୍ଥା ଦେଖି ସୁନ୍ଦର ବି କାନ୍ଦୁଥାଏ ଲଳିତା ବି କାନ୍ଦୁଥାଏ । ବୋଉ ଏଯାଡେ ସେଯାଡେ ଦୌଡି ବୁଲିଲେ ଏବଂ ମୁଣ୍ଡ ବାଡେଇ ହେଉଥାଏ କାଛ ଦେହରେ ତାଙ୍କ ପାଟିରୁ ଶୁଭୁଛି କ'ଣ କରିବି ଲୋ କ'ଣ କରିବି ? ଲଳିତା କାନରେ ଶୁଭିଲା କ'ଣ କରବି ବୋଲି ବୋଉ କାନ୍ଦୁଛନ୍ତି, ଲଳିତାଙ୍କ କାନରେ ଯୋଡାଏ ସୁନାର କାନଫୁଲଟିଏ ଲାଗିଛି । ଏହି କାନଫୁଲଟି ବାପା ଲଳିତାଙ୍କୁ ଜନ୍ମ ଦିନରେ ଉପହାରଟିଏ ଦେଇଥିଲେ । ସେଇ ସୁନା କାନ ଫୁଲଟି ବିକି ବାପାଙ୍କ ପାଇଁ ଔଷଧ କିଣି ବାପାଙ୍କୁ ଭଲ କରିବାକୁ ହେବ ବୋଲି କହିଲେ ଲଳିତା । ଏହା ଦେଖି ଭାଇ ଲଳିତାଙ୍କୁ ଡାକି ଜାବୁଡି ଧରି କାନ୍ଦିକାନ୍ଦି କହିଲେ ତୋ ଭାଇ ଏତେ ବୁକା ଲୋ, ଭାଇ ହୋଇ ମଧ୍ୟ ବାପାଙ୍କର କିଛି କରିପାରିଲି ନାହିଁ । ସୁନ୍ଦରଙ୍କ ମନରେ ଲଳିତାଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ବଢିଗଲା ଯେ, ପରସ୍ପରକୁ ନଦେଖିଲେ ରହିପାରନ୍ତି ନାହିଁ, ଏମିତି ଚାଲିଥାଏ ସୁନ୍ଦର ଓ ଲଳିତାଙ୍କ ସମ୍ପର୍କ ।

ବର୍ଷେ ବିତିଗଲାପରେ, ବାପାଙ୍କ ଦେହ ବି ଭଲ ହେବାକୁ ଲାଗିଲାଣି ଏବଂ ଏପଟେ ସୁନ୍ଦର ଓ ଲଳିତାଙ୍କ ମଧ୍ୟ ଯୌବନର ଋତୁ ଟପିଲାଣି । ସୁନ୍ଦର ଠିକ୍ ସେଇ ଯୌବନ ଅବସ୍ଥାରେ ବାହାହେବା ପାଇଁ ଭାରି ଉଛନ୍ନ ହୋଇ ପଡିଲାଣି । ବାହାହେବାପାଇଁ ଦୌଡି ବୁଲିଲାଣି । କିଛିଦିନ ଗଲାପରେ ଭାଇ ସୁନ୍ଦର ଦରିଦ୍ରରୁ ଧନୀ ହୋଇଗଲେଣି । ବାପା ବୋଉଙ୍କ ବୁଢା ବୁଢୀ ଅବସ୍ଥାରେ ଆନନ୍ଦ କହିଲେ ନସରେ । ଲଳିତା ମଧ୍ୟ ସୁନ୍ଦର ଭାଇଙ୍କୁ ବହୁତ ଆଦର କଲେ । ସେଇ ଛୋଟ ପରିବାରଟି ବେଶ ସୁଖ ଶାନ୍ତିରେ ଜୀବନଯାପନ ବିତେଇଲେ ।

ଥରେ ସୁନ୍ଦର ତାହ୍କ ଗାଁ ଆଖ ପାଖରେ କେତେ ଗୁଡିଏ ଗାଁ ଅଛି । ସେଇ ଗାଁରୁ ଗୋଟିଏ ଝିଅକୁ ଭଲପାଇ ବସିଲେ, ଏବଂ ବାହା ହୋଇ ଘର ସଂସାର କରି ତିନିଦିନ ହୋଇନାହିଁ ବୋହୁଙ୍କ କଥାରେ ଚାଲି ବାପା, ବୋଉ ଓ ଭଉଣୀ ଲଳିତାଙ୍କ ସହ ଭିନ୍ନରେ ରହିଲେ ଏବଂ ରନ୍ଧାବଢା କରିବାକୁ ବସିଲେ । ସୁନ୍ଦର ଧନୀ ହେବା ପରେ ଧନର ଗର୍ବ ଦେଖାଇଲେ । ଲଳିତା ଗୁଣୁଗୁଣୁ ହୋଇ ପାଟି କରୁଥାଏ, ନିଜର ଭଉଣୀକୁ ଚିହ୍ନିବା ତ ଦୂରର କଥା ନିଜର ଜନ୍ମଦାତା ଦୁହିଁଙ୍କୁ ମଧ୍ୟ ଚିହ୍ନିଲା ନାହିଁ । ଯିଏ କି ଛୋଟରୁ ବଡ କରିଛି । ଏତେ ସ୍ନେହ ଥାଇ ମଧ୍ୟ ନିଜର ବାପା ବୋଉଙ୍କୁ ଚିହ୍ନିଲା ନାହିଁ କି ନିଜର ଭଉଣୀ ଲଳିତାକୁ ଚିହ୍ନିଲା ନାହିଁ । ଏଣୁ ଗାଳ୍ପିକ କହିଛନ୍ତି ଆଖି ଥାଇ ମଧ୍ୟ ଅନ୍ଧ । ଲଳିତା କାନ୍ଦୁ କାନ୍ଦୁ ଗାଳି ଦେଉଥାଏ, ସୁନ୍ଦର ଭାଇ ଟିକେ ହେଲେ ଚିନ୍ତା କଲେ ନାହିଁ ବାପା ବୋଉଙ୍କ ସ୍ନେହ କେତେ ସରସ ବୋଲି ଏବଂ ଜାଣିପାରିଲେ ନାହିଁ । ଭାଇ ଭଉଣୀଙ୍କ ସମ୍ପର୍କ ବା ସ୍ନେହ କେମିତିକା ବୋଲି । ଲଳିତା ବି ମଧ୍ୟ କେତେ ପାଟି କରିବ । ପାଟିକରୁ କରୁ ଥକି ପଡିଲାଣି ହେଲେ ବି ଲଳିତାଙ୍କ ଗାଳିକୁ ଖାତିର କଲାନାହିଁ । ଭାଇ ଭଉଣୀଙ୍କ ସମ୍ପର୍କ ତ ଦୂରକଥା ବାପା ବୋଉଙ୍କୁ ସ୍ନେହ ବା ଆଦର କଲା ନାହିଁ । କାହିଁକି ଭାଇ କାହିଁକି ସେହିଦିନଠାରୁ ଲଳିତା ସୁନ୍ଦର ଭାଇଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ ଏବଂ ବାପାଭାଇଙ୍କ ସମ୍ପର୍କ ଓ ଭାଇ ଭଉଣୀଙ୍କ ସମ୍ପର୍କ ବିଗିଡି ହୋଇରହିଗଲା ।

# ଜିଦି କରିବାର ଫଳ

**ଲକ୍ଷ୍ମୀମଣି ନାଏକ**, *ଯକ୍ତ ଦୁଇ ପ୍ରଥମ ବର୍ଷ କଳା*

ପକ୍ଷୀଟିଏ ଆମ୍ବ ଗଛରେ ବସା ବାନ୍ଧିଥାଏ । ତା'ର ଦୁଇଗୋଟି ଛୋଟ ପକ୍ଷୀଛୁଆ ଥାଆନ୍ତି । ସେମାନେ ଉଡିବା ଶିଖି ନଥାନ୍ତି । ଗୋଟିଏ ପକ୍ଷୀ ଛୁଆର ନାମ "ଏଲୋ" ଅନ୍ୟ ପକ୍ଷୀ ଛୁଆଟିର ନାମ "ମେଲୋ"ଥିଲା । ପ୍ରତିଦିନ ସକାଳୁ ମାଆ ପକ୍ଷୀଟି ଖାଦ୍ୟ ଆଣିବାକୁ ବାହାରକୁ ଯାଏ । ସନ୍ଧ୍ୟା ହେଲେ ବସାକୁ ଫେରେ । ସେ ଆଣିଥିବା ଖାଦ୍ୟକୁ ଏଲୋ ଓ ମେଲୋଙ୍କ ମଧ୍ୟରେ ବାଣ୍ଟି ଦିଏ । ଏହିପରି ସେ ପ୍ରତିଦିନ ଖାଦ୍ୟ ଆଣିବାକୁ ଯାଏ । ଦିନେ ମାଆ ପକ୍ଷୀଟି ବସାରୁ ବାହାରିଗଲା । ଏଲୋ ମାଆ ପକ୍ଷୀଟି ବସାରୁ ବାହାରିଗଲା । ଏଲୋ ଓ ମେଲୋ ବସାରୁ ଚାରିଆଡକୁ ଅନାଉଥାଆନ୍ତି । କିନ୍ତୁ ଯିବେ ବା କେମିତି ? ତାଙ୍କର ଡେଣା ଗୁଡିକ ଖୁବ୍ କୋମଳ । ସେଣୁ ସେମାନେ ଉଡି ପାରନ୍ତି ନାହିଁ । କିନ୍ତୁ ଓଲୋ ବହୁତ ଜିଦଖୋର । ସବୁବେଳେ ଇଚ୍ଛା ଅନ୍ୟପକ୍ଷୀଙ୍କ ପରି ଉଡି ବୁଲିବାକୁ ଖାଦ୍ୟ ସଂଗ୍ରହ କରିବାକୁ । କିନ୍ତୁ ମାଆ ପକ୍ଷୀଟି ଏଲୋକୁ ମନା କରେ । କାରଣ ସେମାନେ ଛୋଟ ପକ୍ଷୀ ଛୁଆ । ତାଙ୍କର ଡେଣା ଗୁଡିକ ଠିକ ଭାବରେ ତିଆରି ହୋଇନି । ମାଆଙ୍କ କଥାକୁ ନଶୁଣି ଜିଦ କରୁଥିଲା । ବାହାରକୁ ଯିବାକୁ । ମାଆ ତକୁ ବହୁତ ଉପଦେଶ ଦେଲେ ମଧ୍ୟ ମାନେ ନାହିଁ । ବଡମାନଙ୍କ କଥାକୁ ସେ ଶୁଣେ ନାହିଁ ।

ଦିନେ ମାଆ ପକ୍ଷୀଟି ଖାଦ୍ୟ ସଂଗ୍ରହ କରିବା ପାଇଁ ବସା ଛାଡିଥାଏ । ଏଲୋ ତା'ର ଛୋଟିଆ ଭାଇକୁ ବୁଲିଯିବାକୁ କହିଲା । କହିଲା ବସାରେ ବସି ବସି ବହୁତ ଖରାପ ଲାଗିଲାଣି । ଅନ୍ୟ ପକ୍ଷୀମାନେ ଯେପରି ଖୋଲା ଆକାଶରେ ଉଡିବୁଲୁଛନ୍ତି, ସେହିପରି ଉଡି ବୁଲିବା ଚାଲ ।

ମୋଲେ କିନ୍ତୁ ବହୁତ ଶାନ୍ତଶିଷ୍ଟ ଥିଲା । ସେ ବଡମାନଙ୍କ କଥାକୁ ମାନୁନଥିଲା । ସେ ତା'ର ମାଆ କହି ଥିବା ଉପଦେଶ ଗୁଡିକୁ ମନେ ପକାଇ ଦେଲା । କହିଲା ମାଆ ଯାହା କହିଯାଇଛନ୍ତି ତାହା ଠିକ୍ । ତେଣୁ ଆମେ ଏହି ବସା ଛାଡି କୁଆଡେ ଯିବାନି । ମେଲୋ ତାର ବଡଭାଇ ଏଲୋକୁ ଯେତେ ବୁଝାଇଲେ ମଧ୍ୟ ସେ ମାନିଲା ନାହିଁ । ସେ ତ ବହୁତ ଜିଦ୍‌ଖୋର । ସାନ ଭାଇର କଥାନମାନି ଏଲୋ ଫୁରକିନା ଉଡି ଯିବାକୁ ବସାରୁ ଉଠିଲା । ହଠାତ୍ ଏଲୋ ଉଡି ଯିବାକୁ ବସାରୁ ଉଠିଲା । ଏଲୋ ଉଡିବା ସମୟରେ ଉଡି ନପାରି ତଳକୁ ଖସି ପଡିଲା । ଚିଁ ଚିଁ ଶବ୍ଦ କରି କାନ୍ଦିଲା । ସେ ଖଣ୍ଡିଆ ଖାବରା ହୋଇଗଲା । ମେଲୋ କାନ୍ଦିବା ଶବ୍ଦ ଶୁଣି ଭାବିଲା ଏଲୋ ବୋଧେ ତଳେ ପଡିଯାଇଛି । କ'ଣ କରିବ ବିଚରା । ଉପାୟ କିଛି ନାହିଁ ।

ସନ୍ଧ୍ୟାହେଲାବେଳକୁ ମାଆ ବସାକୁ ଫେରିଲେ । ଦେଖିଲେ ଏଲୋ ବସାରେ ନାହିଁ । ବ୍ୟସ୍ତ ହୋଇ ମାଆ ପକ୍ଷୀଟି ଏଠି ସେଠି ଖୋଜିବାକୁ ଲାଗିଲେ । ଶେଷରେ ଦେଖିଲେ ଗଛ ତଳେ ରକ୍ତ ଜୁଡୁବୁଡୁ ହୋଇପଡି କାନ୍ଦୁଛି । ତାକୁ ବହୁତ କଷ୍ଟରେ ବସାକୁ ଆଣିଲେ ଓ ଔଷଧ ଦେଲେ ।

ତା'ର ଘା'ଗୁଡିକ ଶୁଖିବା ପାଇଁ ବହୁତ ଦିନ ଲାଗିଲା । ଏଲୋ ତାର ଭୁଲ ବୁଝିପାରିଲା । ସାନ ହେଉ ଅବା ବଡ ହେଉ ଯିଏ ହିତକର ଉପଦେଶ ଦିଏ ତାହାକୁ ମାନିବା ଉଚିତ ମାଆଙ୍କୁ କହିଲା – ମା ଆଲୋ ! ମୁଁ ଆଉ ଜିଦ କରିବି ନାହିଁ । ମୁଁ ସବୁବେଳେ ଗୁରୁଜନ ମାନଙ୍କ କଥାକୁ ମାନି ଚଳିବି । ଠିକ୍ ଏତିକି ବେଳେ ମେଲୋ କହିଲା – ଏଲୋ ମାଆଙ୍କ କଥାକୁ ନମାନି ଜିଦ୍ କରିବାର ପଳ ପାଇଲୁ ।

# ଶେଷ ଚିଠି

ବିରାମ ମୁର୍ମୁ, ଯୁକ୍ତ ୩, ୩ୟ ବର୍ଷ କଳା

ମୋ ମନ ସାବି !

ମୋର କଳ୍ପନାର ପ୍ରଥମ ସ୍ୱପ୍ନ ଓ କରା କାଗଜରେ ଆଶାର କଲମରେ ପ୍ରେମର ମାଳି ନୁହେଁ ବରଂ ଜହରର କାଳିରେ ଲେଖିଲି ନିଜର ସଫେଦ ଛାତିରେ ମୋର ହୃଦୟର ଏକାନ୍ତ ବାର୍ତ୍ତା ନେଇ ଯାଉଥିବା ଏ ପତ୍ରଟି କି ପ୍ରକାର ପ୍ରଭାବ ପକାଇବ ଜାଣିନି ଏ ନିର୍ଜୀବ ଚିଠିଟି ହୁଏତ ତୁମକୁ କଷ୍ଟ ଦେଇପାରେ । ମୋର ଅନୁରୋଧ ଚିଠିଟିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଢିଲେ ଭଲ ହୁଅନ୍ତା ଜୀବନରେ ତମକୁ ଜୀବନ ସାଥୀ କରିବାର ସ୍ୱପ୍ନ ଖାଲି ମରୁଭୂମିର ଧୂଳି ପରି ଗ୍ରୀଷ୍ମ ରାତିରେ ଭାସି ଭାସି ବହୁ ଦୂରକୁ ଦୂରେଇ ଗଲି ତମ ମନର ସବୁଦିନ ପାଇଁ । ଆମ ସମ୍ପର୍କକୁ ନେଇ ମନରେ କେତେ କ'ଣ ଭାବି ସଠିକ୍ ରାସ୍ତାଟେ ପାଇ ପାରୁନି । ଆଜି ଗୋଟେ ଉପାୟ ଆସିବାରୁ ଡିବିରି ଆଲୁଅରେ ମୋ ମନର ପରିଭାଷାକୁ ପ୍ରକାଶ କଲି । ଖରାପ କିଛି ଭାବିବନି । ତମକୁ କେତେ ଭଲପାଉଥିଲି ତା ବା ତମେ ବା କେମିତି ଜାଣିଥାନ୍ତ ସେଇଦିନ ଯେଉଁଦିନ ଅମାବାସ୍ୟା ଅନ୍ଧକାର ଛନ୍ନ ବନ୍ଦ କୋଠରୀରେ ମୋ କୋଳରେ ମୁଣ୍ଡ ଗୁଞ୍ଜି ସାରା ଜୀବନ ପାଇଁ ରଙ୍ଗିନ ସ୍ୱପ୍ନ ଦେଖିଥାନ୍ତି । ପାଖରେ ଥିଲେ ଟିକେ ଗେଲ ଆଉ ବନବାସୀ ଓ କେତେକ ଭଲ ନୁହେଁ । ହେଲେ ସେ ସ୍ୱପ୍ନ ଆଉ ମୁଁ ଦେଖୁନି କି ? ତମେ ମଧ୍ୟ ମୋ ସାଥୀରେ ସାଥୀ ହୋଇ ଜୀବନ ରାସ୍ତା ଚାଲିବ ବୋଲି ଆସା ରଖନି । ଏତିକି ଜାଣିବ ଆଶା ରଖିଲେ ଜୀବନରେ ଖାଲି ଦୁଃଖ ପାଇବା ଛଡା ଆଉ କିଛି ନୁହେଁ । ଯେତେ ଖୋଜିଲେ ବି ପାଉନି ସାବି । କେଉଁଠି ଭୁଲ ରହିଗଲା ବୋଧେ ନହେଲେ ମୁଁ ତୁମକୁ ନିଜର କରିପାରିଥାନ୍ତି । "ସାବି" ଯଦି ପାରିବ ଜଣାଇବ, କେଉଁଠି ଭୁଲ ରହିଗଲା ପରେ ସେମିତି ଭୁଲ ଆଉ କେବେ କରିବି ନାହିଁ । ଯେତେ ଚାହୁଁଛି ତମଠୁ ଦୂରେଇ ଯିବା ପାଇଁ ସେତେ ତମ ଚେହେରା ତମପାଖକୁ ଟାଣି ନେଉଛି । ମୁଁ ଆଉ ପାରୁନି "ସାବି"ସେଇଥି ପାଇଁ ମତେ ଆଜି କଠୋର ନିଷ୍ପତ୍ତି ନେବାକୁ ପଡିଲା । ମାନେ ହସ୍ତରେ ରକ୍ତ ନିଗାଡି ରକ୍ତର ବନ୍ଧନ ରକ୍ତରେ ଲେଖା ସେଇ ନାମକୁ ଲିଭାଇଲି । ହାରିଗଲି ଦୁଃଖ ନାହିଁ ତଥାପି ମୁଁ କାମନା କରେ "ସାବି" ତୁମେ ତୁମ ଭବିଷ୍ୟତ ଜୀବନରେ ସୁଖୀ ହୁଅ । ତୁମ ପାରିବାରିକ ଜୀବନକୁ ଶ୍ରୀଯୁକ୍ତ କର । ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏତିକି ମୋର ଆନ୍ତରିକ କାମନା ।

ଏକଦା ତୁମେ ଥିଲ ମୋର ସୁଖ ଦୁଃଖର ସାଥୀ । ତେଣୁ ତୁମକୁ ମୋର ଦୁଃଖ କାହାଣୀ ନ ଜଣାଇ ମୁଁ ବା କ'ଣ ଶାନ୍ତିରେ ମରିପାରିବି, ବିଶ୍ୱାସ କର ସାବି ତୁମର ଏହି ନିଷ୍ଠୁର ପ୍ରତାରଣା ସର୍ତ୍ତେ ଏବେ ବି ତୁମକୁ ଭଲପାଏ ..... ଠିକ୍ ପୂର୍ବପରି । ଥରେ ବି ଭାବିଲନି ତମେ ତୁମ ଭଲ ପାଇବାର ଅନନ ଶିଖାରେ ନିଜକୁ ଜଳାଇ ନିଃଶେଷ ହୋଇଯାଉଥିବା ପ୍ରେମ କଥା । ସତରେ କାହିଁକି ବା ଭାବିବି ? ତୁମ ନିଜ ଇଚ୍ଛାରେ ଆମ ମଧୁମୟ ସ୍ମୃତିକୁ ସମାଧୀ ନେବାକୁ ମନସ୍ଥ କରିଲ । ଏ ଜୀବନ ବନାନୀରେ ନିଆଁ ଲାଗିଲେ ସବୁଜିମା ଜଳଯାଇ ରହେ କେବଳ ମୁଠାଏ ପାଉଁଶ । ମଣିଷଯେ କାହିଁକି କେଜାଣି ଭୁଲ କରି ବସେ ବୁଝି ହୁଏନି । ହୃଦୟ କୂଳରେ ମଥା ପିଟି ପିଟି ହୁଏ । ଯୌବନ ରୂପକ ଢେଉ, କିଏ କହିବ ଦୁନିଆଁ ମଞ୍ଚରେ ଶ୍ରେଷ୍ଠ ନାୟକ ପ୍ରେମ ନା ପାଉଁଶ । ମନତଳ କୁହୁଳିଥିବ ନିଆଁରେ ଯେଉଁଦିନ ଅଧିକ କାଠପଡି

ସମଗ୍ର ଶରୀରର ପରିସମାପ୍ତ ଘଟାଇବ ସେଦିନ ତୁମେ ତୁମ ଆଖିରୁ ଦୁଇଟପା ଲୁହ ଗଡାଇବ ଆଉ ମୁଁ ସ୍ୱର୍ଗପୁରରେ ଥାଇ ମଧ୍ୟ ମୋ ଆତ୍ମା ତୁମର ମଙ୍ଗଳ ମନାସୁଥିବ ଏବଂ ତୁମ ପାଇଁ ଦିନେ ନୁହେଁ କି ବର୍ଷେ ନୁହେଁ ? ଯୁଗ ଯୁଗଧରି ଜନ୍ମ ଜନ୍ମାନ୍ତର ପାଇଁ ପ୍ରତୀକ୍ଷା କରିଥିବି ହିଁ ତୁମରି ପାଇଁ କେବଳ ତୁମରି ପାଇଁ ............?

ଜାଣିବାକୁ ପାଇଲି ମୁଁ ତମ ଜୀବନରୁ ଦୁରେଇଯିବା ପରେ କୁଆଡେ ଖୁବ ଖୁସିରେ ଅଛ, ଖୁବ ସତରେ "ସାବି" ମୁଁ କେତେ ବୋକାଟେ ନଥିଲି ତୁମର ମିଛ ବାହାନା ଆଉ ଛଳନା ପ୍ରତିଶୃତିରେ ବୁଡିରହି ମୋର ସୀମାକୁ ଟପିଯାଇଥିଲି । ତେଣୁ ଆଜି ମୁଁ ପ୍ରେମ ଯୁଦ୍ଧରେ ତମ ତରବାରୀରେ ଆଘାତ ପାଇଁ ମୁଁ ରକାକ୍ତ ମୋ ଜୀବନରେ ଭାଗ୍ୟ ସହିତ ଖେଳି ଖେଳି ଆଜି ମୁଁ ନିରାଶ, ଅସହ୍ୟ ପ୍ରେମ ଅଧା ଅତିକ୍ରମ କରିଥିବା ବାଟୋଇ ଆଜି ଏମିତି ଏକ ଦି ଛକିରେ ଆସି ପହଞ୍ଚିଛି ଯେଉଁଠି ନା ଆଗକୁ ନା ପଛକୁ ପାଉନି ରାସ୍ତାଟେ ଜାଣିଛ ସାବି ଜୀବନର ଉଠାଣୀ ଗଡାଣରେ ଯେଉଁ ପଥ ଅତିକ୍ରମ କରିବା ପାଇଁ ମୁଁ ସଂଗ୍ରାମ କରିଥିଲି, ତା ପାଇଁ ଆଜି ଉଚିତ ସ୍ଥାନରେ ପହଞ୍ଚିପାରିଲି ନାହିଁ । ସତରେ "ସାବି" କାହିଁକି ବା ମୋ ସହିତ ବାକି ଜୀବନ ବିତାଇଥାନ୍ତ । କାରଣ ମୁଁ ଥିଲି ଜଣେ ବେକାରୀ ଓ ଗରିବ ଘରର ପୁଅ କ'ଣ ବା ଦେଇପାରିଥାନ୍ତି ? ବେଳ ଗଡିଗଲେ ନିଜେ ନିଜ ଛାଇବି ଅନ୍ଧାରରେ ମୁହଁ ଲୁଚାଇବାକୁ ପଡୁଛି । ଥୁଣ୍ଟା ବରଗଛରେ କାହିଁକି ବା ବସା ବାନ୍ଧିଥାନ୍ତ । "ସାବି" ଆଜି ମୁଁ ପାଲଟି ଯାଇଛି ବ୍ୟାର୍ଥ ପ୍ରେମର ମହାନାୟକ ଚାହିଁଥିଲେ ମୁଁ ନିଜେ ଆତ୍ମହତ୍ୟା କରିପାରିଥାନ୍ତି, ହେଲେ ତମେ ବାରମ୍ବାର ଅନୁରୋଧ କରିଥିଲ ଯେ ମୋତେ ନପାଇ ଆତ୍ମହତ୍ୟା କରିବନି ପ୍ଲିଜ୍ । ଏ ଅନୁରୋଧ ଟିକକ ମୃତ୍ୟୁର ବାଟରେ କଣ୍ଟା ହୋଇ ରହିଛି । ନ ହେଲେ ମୁଁ କ'ଣ କରିପାରିଥାନ୍ତି ଜାଣ ? ଜୀବନରେ ମାରିଦେଇଥାନ୍ତି କିମ୍ବା ବରବାଦ କି ମୋର ନୁହେଁ କି କାହାର ନୁହେଁ ପରି କରିପାରିଥାନ୍ତି । ହେଲେ "ସାବି" କ୍ରୋଧ ତମ ଆଗରେ ଲବଣ ପରି ମିଳେଇ ଯାଉଛି କାରଣ କ'ଣ ପାଇଁ ଜାଣ, ମୁଁ ତମକୁ ମୋ ଜୀବନଠୁଁ ଅଧିକ ଭଲ ପାଉଥିଲି । ତମକୁ କିଏ ଛୁଇଁଲେ ବା ତମ ଚଲା ବାଟରେ କଣ୍ଟା ମାଡିଲେ ମୋତେ ଲାଗେ ଅଣନିଶ୍ୱାସୀ ।

"ସାବି" ମୋ ଛାତି ଭିତରେ ଥିବା ସବୁ ସ୍ତମ୍ଭ ଭାଙ୍ଗି ଚୁରମାର ହୋଇଯାଇଛି ତମକୁ ଭଲପାଇବାଟା ଯେତିକି କଷ୍ଟ ଆଉ ତପସ୍ୟା କରିବାକୁ ପଡିଥିଲା ତାଠାରୁ ଅଧିକ ତପସ୍ୟା କରିବାକୁ ପଡୁଛି । ହେଲେ ମୁଁ କଣ କରିବି "ସାବି" ଭାବିଲି ମୋର ଅଗଷ୍ଟ ୧୬ ପୂର୍ବରେ ଯାହା ହେଲା ତାପରେ ମୋ ସଂଗ୍ରାମ ମୁଁ ଶେଷ କଲି । ଶେଷରେ ମୋ ଦେହରେ ରକତ ନିଗାଡି ମନରୁ ସବୁଦିନ ପାଇଁ ଲିଭାଇବାକୁ ହେଲା । ତମକୁ ହଇରାଣ ପରେ ଆଉ କେହି ମୋ ମନ ବଗିଚାରେ ଫୁଲ ହୋଇ ଫୁଟିବେ ନାହିଁ "ସାବି" ମୁଁ ମୁକ୍ତ କଣ୍ଠରେ ପ୍ରକାଶ କରୁଛି ସାବି । ମୁଁ ଚରିତ୍ରହୀନ ନୁହେଁ । ତୁମ ବ୍ୟତୀତ ମୁଁ ଆଉ କାହାରି କେବେହେଲେ ଭଲ ପାଇନଥିଲି ଯେଉଁଥିପାଇଁ ପ୍ରତାରଣା ଆଜି ଶକ୍ତ ଧକ୍କା ଦେଇଛି ଦୁନିଆଁର ସବୁ ଦୁଃଖକୁ ଆଞ୍ଜୁଳା ଆଞ୍ଜୁଳା କରି ପିଇଯିବାକୁ ପ୍ରସ୍ତୁତ ଅଛି । "ସାବି" ତଥାପି ତମେ ସୁଖୀ ହୁଅ ।



# ଅବ୍ୟକ୍ତ

ଋତୁରଂଜନ ପରିଡା, ଯୁକ୍ତ ତିନି ତୃତୀୟ ବର୍ଷ ବିଜ୍ଞାନ

ପ୍ରତୀକ ତା'ପଢା ଟେବୁଲ ପାଖ ଝରକା ଖୋଲିଲା । ବାହାରର ପାଣିଚିଆ ଅନ୍ଧାରକୁ ଏଡେଇ ଫଗୁଣର ଝଲକାଏ ପବନ ଘର ଭିତରକୁ ପଶିଆସିଲା । ପ୍ରତୀକ ସାଲ୍‌ଟିକୁ ମୁଣ୍ଡ ଉପରକୁ ଟାଣି ଆଣି ବହିର ପୃଷ୍ଠା ଗୁଡିକ ଓଲଟାଇବାରେ ଲାଗିଲା । ଆଉ କେତେଟା ଦିନ ପରେ ପରୀକ୍ଷା ଝରକା ବାହାରେ ବସନ୍ତରେ ମହୋତ୍ସବ ।

ପ୍ରତୀକ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପାଇଁ ଚେଷ୍ଟା ଚଳାଇଥାଏ । ଭଲ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ସ୍ୱପ୍ନ ଦେଖୁଥାଏ । ଘରେ ବସି ସବୁବେଳେ ଗଣିତ କରୁଥାଏ । କାରଣ ତା'ର ଗଣିତ ପ୍ରତି ଦୁର୍ବଳତା ଥିଲା । ପରୀକ୍ଷା ପାଇଁ କିଛିମାସ ବାକି ଥିଲା ।

ପଡିଶା ଘରର ଝରକା ଅଳ୍ପ ଖୋଲାଥିଲା । ଭିତରୁ ବିଜୁଳି ଆଲୁଅର ରେଖାଟିଏ ଝରକା ଦେଇ ଛିଟିକି ପଡୁଥିଲା । ପାଖ ମନ୍ଦିରର ପ୍ରାତଃକାଳୀନ ଘଣ୍ଟି ବାଜିଲେ ଝରକାଟି ଆପେ ଆପେ ଖୋଲିଯାଏ । ଝରକା ପାଖରେ ପନ୍ଦର କି ଷୋହଳ ବର୍ଷର ଝିଅଟିଏ ଆତ୍ମ ବିଭୋର ହୋଇ ପ୍ରଣତି ଡାଳେ ଦେବତା ଉଦ୍ଦେଶ୍ୟରେ । ଦିନସାରା ଝରକା ପାଖରେ ବସି ବଗିଚା ଆଡେ ଚାହିଁଥାଏ । ବେଳେବେଳେ ମୁହଁ ପୋତି କ'ଣ କରୁଥାଏ ଓ ଥକ୍କି ପଡିଲେ ଉଦାସ ଦୃଷ୍ଟିରେ ଆକାଶ ଆଡକୁ ଚାହିଁରହେ । ରାତ୍ରିର ନିସ୍ତବଧତା ଭିତରେ ସହରଟା ପୂରା ନିର୍ଜୀବ ପଡିଗଲା ପରେ ଝରକାଟି ମାତ୍ର କେତେ ଘଣ୍ଟା ପାଇଁ ବନ୍ଦ ହୋଇଯାଏ ।

ପ୍ରତୀକ ତା' ପଡାଘର ଝରକା ଦେଇ ପ୍ରତିଦିନ ଦେଖୁଥାଏ ଝିଅଟିକୁ । ବେଳେବେଳେ ଆଖିରେ ଆଖି ମିଶିଗଲେ ଅପ୍ରତିଭ ହୋଇ ମୁହଁ ପୋତିଦିଏ । ପ୍ରତୀକର ମନେହୁଏ ସେ ଝିଅଟିଏ ନୁହେଁ, ଅଭିଶପ୍ତ ଅପସରୀଟିଏ କେଉଁ ଅକୁହା ଦୁଃଖରେ ନେଇ ଉଦାସୀ ଆଖିରେ ଝିଅଟିଏ ଚାହିଁଥାଏ ଝରକା ଫାଙ୍କରେ । ପ୍ରତୀକକୁ ଲାଗେ ଏସବୁ ସତେ ଯେପରି ଅବୁଝା ଗଣିତ । ଅନ୍ୟ ଝିଅଙ୍କ ପରି ସେ କାହିଁକି ସ୍କୁଲ ଅବା କଲେଜ ଯାଏ ନାହିଁ । ଝିଅଟିର ବାପା ବଡ ଚାକିରିଆ, ଅଫିସର ମାନଙ୍କର ପ୍ରବେଶ ଓ ପ୍ରସ୍ଥାନ ଲାଗିଥାଏ । ଘର ବାରଣ୍ଡା ସାରା ଚାକର ବାକର, ମାଳି, ପିଅନମାନଙ୍କର ଭିଡ । ବାବୁ ମୋଟର ଚଢି ସକାଳୁ ବାହାରନ୍ତି । ବିଳମ୍ବ ରାତ୍ରିରେ ଫେରନ୍ତି । କେବେକେବେ ବଗିଚାରେ ସାନ ସାନ ପୁଅ ଝିଅ ଦୁଇଟି ଦେଖାଯାଆନ୍ତି । କେବେ କେବେ ସେମାନେ ବାପାଙ୍କ ସହିତ ବୁଲିଯାଆନ୍ତି ହେଲେ ସେ ଝିଅଟି ? କେବେ ତ ସେ ଘରୁ ବାହାରେ ନାହିଁ । ସେମିତିଆ ପାଣିଚିଆ ଦୃଷ୍ଟିରେ ଚାହିଁ ରହିଥାଏ ଝରକା ଦେଇ ।

ପ୍ରତୀକ ପରୀକ୍ଷା ପ୍ରସ୍ତୁତିରେ ବ୍ୟସ୍ତତା ଭିତରେ ବି ଲକ୍ଷ୍ୟ କରେ ଝିଅଟିକୁ । ଦିନକୁ ଦିନ ଝାଉଁଳି ପଡିଛି ତା'ର ସୁନ୍ଦର ମୁହଁଟି । ପ୍ରତୀକ କେବେ କେବେ ବାହାରକୁ ଆସେ । ଚାଲୁ ଚାଲୁ ଝରକା ପାଖାପାଖି ହୋଇଯାଏ । ମନେହୁଏ ସତେ ଯେପରି ଶିଳ୍ପୀଟିଏ ଛବି ଆଙ୍କି ପୁଣି ତାକୁ ଚିରି ଟୁକୁଡା ଟୁକୁଡା କରି ଫିଙ୍ଗି ଦେଇଛି ।

ସମୟର ପ୍ରବାହ ଅନନ୍ତ । ଦେଖୁ ଦେଖୁ ମାଟ୍ରିକ ପରୀକ୍ଷା ଶେଷ ହୋଇଯାଏ । ପ୍ରତୀକ ସକାଳୁ ସକାଳୁ ସ୍ନାନ ସାରି ମନ୍ଦିରକୁ ଯାଏ । ଭୋଗ କରି ମନ୍ଦିର ବେଢାରେ ଥିବା ଲୋକମାନଙ୍କୁ ବାଣ୍ଟେ । ସମସ୍ତଙ୍କୁ ପ୍ରସାଦ ବାଣ୍ଟି ସାରି ଅବଶିଷ୍ଟକୁ ନିଜ ମୁହଁରେ ଦେବା ପୂର୍ବରୁ ହାତ ଅଟକି ଯାଏ କେଉଁ ଅବ୍ୟକ୍ତ ବ୍ୟଥାରେ । ଝରକା ସେ ପଟେଇ ସେଇ ଉଦାସ ଆଖି ଦୁଇଟି । କାରୁଣ୍ୟର ସାଗର ଅବା ସମୁଦ୍ର ଛାତିରେ ନୈରାଶ୍ୟର ଉର୍ମିମାଳା । କେଉଁ ଦୁଃଖରେ ମଥା ପିଟୁଛନ୍ତି ବେଳା ଭୂମିରେ । ତା ବୟସରେ

ଝିଅମାନଙ୍କ ପରି କାହିଁକି ସେ ହୋଇପାରୁନି ଚଳଚଞ୍ଚଳ ହରିଣୀଟି ପରି ? କ'ଣ ତାର ଅଭାବ ? କେଉଁ ବେଦନାରେ ପାରି ହେଉଛି ସେ ଏଇ ବୟସରୁ ? ପ୍ରତୀକର ମାନସ ପଟରେ ଅନେକ ପ୍ରଶ୍ନ, ହେଲେ ଉତ୍ତର କାହିଁ ? ସେଦିନ ପ୍ରତୀକ ତା'ର ସାଙ୍ଗ ମାନୁ ଘରକୁ ଯାଇ ଫେରୁଥାଏ । ସେହି ସମୟରେ ବୋଉଙ୍କର କଥା ତା'କାନରେ ବାଜିଲା । ବୋଉ ବାପାଙ୍କୁ ପଡିଶା ଘର କଥା ବର୍ଣ୍ଣନା କରୁଥିଲେ । ବୁଝିଲ ! ଏଇ ଆମ ପଡିଶା ଘଟେମ । ବାବୁଙ୍କର ପତ୍ନୀ ପାଞ୍ଚବର୍ଷ ହେଲା ସ୍ୱର୍ଗବାସସୀ ହେଲେଣି । ଦୁଇଟି ଝିଅ ଓ ଗୋଟିଏ ପୁଅକୁ ନେଇ ତା'ର ସଂସାର । ବଡ ଝିଅଟି କେଡେ ସୁନ୍ଦର । ଗୋଟିଏ ଚାଉଳରେ ଗଢା ହେଲେ କ'ଣ ହେବ ? ବର୍ଷେ ହେଲାଣି ତାକୁ ବ୍ଲଡ କ୍ୟାନସର ହେଲାଣି ଡାକ୍ତର ଆଶା ଛାଡି ଦେଲେଣି । ଆଉ କେତେ ମାସ ବଞ୍ଚିବା ଭାଇ ଭଉଣୀ ଦିଟା ତା'ସାଙ୍ଗରେ ମିଶୁ ନାହାନ୍ତି । ସମୟ କାଟିବା ପାଇଁ ସେ ଝରକା ପାଖରେ ବସି ଚିତ୍ର ଆଙ୍କେ । ବଗିଚା ଆଡେ ଚାହିଁ ରହେ । ବିଚାରୀ ଭାରି ଦୁଃଖିନୀଟିଏ । ପ୍ରତୀକ ଆଖି ସାମ୍ନାରେ ଅନ୍ଧକାର ଛାଇ ଯାଉଥିଲା ଯେମିତି । ତା'ର କଣ୍ଠ ଶୁଖି ଯାଉଥିଲା । କିଛି ଦିନ ବିତି ଯାଇଛି ।

ଦିନେ ପ୍ରତୀକ ଦେଖିଲା ପଡିଶା ଘରର ଝରକା ଖୋଲାନାହିଁ । ହତା ଭିତରେ ଜନ ସମାରୋହ । କାନ୍ଦ ବୋବାଲି ପଡିଛି । ଲୋକେ କୁହାକୁହି ହେଉଥାନ୍ତି ଝିଅଟି ଚାଲିଗଲା । ଶ୍ୱେତ ବସନରେ ଢଙ୍କା ଶରୀରଟି । ଶ୍ମଶାନ ଯାତ୍ରାପାଇଁ ପ୍ରସ୍ତୁତି ଚାଲିଥିଲା । ପ୍ରତୀକ ଭିତରେ ସବୁକିଛି ଭାଙ୍ଗିରୁଜି ଯିବାର ପ୍ରତିଧ୍ୱନି । ଝିଅଟିକୁ ନେଇ ତାର ସ୍ୱପ୍ନର କାଚଘର ଚୁନା ହୋଇଗଲା ମୁହୁର୍ତ୍ତକରେ ।

ତା'ପରଦିନ ଚିଠିଟିଏ ଦେଇଗଲା ପୋଷ୍ଟମ୍ୟାନ । ପ୍ରତୀକର ଚିଠି । ମୃତ୍ୟୁ ପୂର୍ବରୁ ଚିଠିଟିଏ ଲେଖିଯାଇଛି ଝିଅଟି ।

ପ୍ରିୟ ପ୍ରତୀ !

ତୁମେ ମୋର କେହି ନୁହେଁ, ତଥାପି କେଜାଣି କାହିଁକି ନିତାନ୍ତ ଆପଣାର ମନେହୁଅ । ମୁଁ ଭାରି ଦୁଃଖିନୀଟିଏ । ତୁମେ ତ ପ୍ରତିଦିନ ମନ୍ଦିରଯାଅ । ମୋପାଇଁ ଟିକେ ଠାକୁରଙ୍କୁ ପ୍ରାର୍ଥନା କରନ୍ତନି । ମୁଁ ତୁମକୁ ଭାରି ଭଲପାଏ । ହେଲେ ଲାଭ କ'ଣ ? ତୁମକୁ ନେଇ ମୋର ସ୍ୱପ୍ନ କେବେବି ପୂର୍ଣ୍ଣ ହେବ ନାହିଁ । ତଥାପି ମଣିଷର ମନତ ଅବୁଝା । ମୋ ମନ ବୁଝେ ନାହିଁ । ତେଣୁ ମୁଁ ନିତି ତୁମର ଛବି ଆଙ୍କି ପୁଣି ଚିରିଦିଏ । ଏକଥା ତୁମକୁ କେବେବି କହିପାରିନି । ପୁନର୍ଜନ୍ମରେ ମୁଁ ନିଶ୍ଚୟ ତୁମକୁ ନେଇ ମୋର ସ୍ୱପ୍ନକୁ ସାକାର କରିବି ।।ଇତି ।।

ତୁମର ପ୍ରୀତି

ପ୍ରତୀକ ଆଖିରେ ଟଳମଳ ହେଉଥିଲା ଲୁହବୁନ୍ଦାଏ । ଝଲକାଏ ପବନରେ ଉଡି ଯାଉଥିଲା ଚିଠି । ପ୍ରତୀକ ଏକ ଲୟରେ ଚିଠିଟିକୁ ଚାହିଁ ରହିଥିଲା ।

# ଜାତୀୟ ସେବା ଯୋଜନା ଏକ ମହତ୍ ସଂଗଠନ

**ଅଳକା ମଞ୍ଜରୀ ଭୂୟାଁ**
*ଅଧ୍ୟାପିକା, ବାଣିଜ୍ୟ ବିଭାଗ ଏବଂ ଏନ୍.ଏସ.ଏସ ପ୍ରୋଗ୍ରାମ ଅଫିସର*

ଜାତୀୟ ସେବା ଯୋଜନା ବା ଏନ୍.ଏସ୍.ଏସ୍. ହେଉଛି ଏପରି ଏକ ସଂସ୍ଥା ଯିଏକି ଅନବରତ ଭାବେ ନିଃସ୍ୱାର୍ଥ ସେବା କରିଚାଲେ । ଏହି ସଂସ୍ଥା ମହାତ୍ମାଗାନ୍ଧୀଙ୍କ ଶତ ବାର୍ଷିକୀରେ ଅର୍ଥାତ୍ ୧୯୬୯ ମସିହା ସେପ୍ଟେମ୍ବର ମାସ ୨୪ ତାରିଖରେ ଆରମ୍ଭ ହୋଇଥଲା । ଏହାର ଏକ ମାତ୍ର ଲକ୍ଷ୍ୟ ହେଉଛି ଯୁକ୍ତ ଦୁଇ ଓ ଯୁକ୍ତ ତିନି ତଥା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ପାଠପଢା ସହିତ ସମାଜ ସେହା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ । ଏହି ସଂସ୍ଥାର ମୂଳମନ୍ତ୍ର ହେଉଛି "ମୋ ପାଇଁ ନୁହେଁ, ତୁମ ପାଇଁ" (not me but you) । ଏଥି ମଧ୍ୟରେ ଲୁଚି ରହିଛି ନିଃସ୍ୱାର୍ଥପର ଭାବେ ସମାଜସେବା କରିବାର ପ୍ରେରଣା, ସମାଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ସମୟ ଓ ଶ୍ରମ ପ୍ରଦାନ କରିବାର ମନୋବୃତ୍ତି । ପ୍ରାରମ୍ଭରେ ଭାରତରେ ୩୭ଟି ବିଶ୍ୱବିଦ୍ୟାଳୟରେ ୪୦.୦୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ଏ ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା । ଏବେ ତାହା ୨୦୦ଟି ବିଶ୍ୱ ବିଦ୍ୟାଳୟରେ ୨.୬ ମିଲିୟନ ସ୍ୱେଚ୍ଛାସେବୀଙ୍କୁ ନେଇ କାର୍ଯ୍ୟ କରୁଛି । ଆମ ରାଜ୍ୟ ଓଡିଶାରେ ମଧ୍ୟ ୧୯୬୯ ମସିହାରେ ୩ଟି ବିଶ୍ୱବିଦ୍ୟାଳୟରେ ୬୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ଆରମ୍ଭ ହୋଇଥିଲା ଅଧୁନା ଏହାର ପରିସର ଯଥେଷ୍ଟ ଭାବରେ ବୃଦ୍ଧି ପାଇଛି । ବର୍ତ୍ତମାନ ୧୮୦୦ ଏନ.ଏସ.ୟୁନିଟି କାମ କରୁଛି ଏବଂ ପ୍ରତି ୟୁନିଟରେ ୫୦ଜଣ ସ୍ୱେଚ୍ଛାସେବୀ ଅଛନ୍ତି । ଏହିଭଳି ଭାବରେ ମୋଟ ୯୦.୦୦୦ ସ୍ୱେଚ୍ଛାସେବୀ ଏହି ଯୋଜନାରେ କାର୍ଯ୍ୟରତ ଅଛନ୍ତି । ଜାତୀୟ ସେବା ଯୋଜନାର ଚିହ୍ନ ହେଉଛି ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିରର ରଥଚକ୍ର ଯାହା କି ଓଡିଶାର ଗୌରବକୁ ବହନ କରେ । ସମୟର ରଥଚକ୍ରରେ ପରିସ୍ଥିତି ବଦଳିବା ସହିତ ସମାଜର କ୍ରମାଗତ ପରିବର୍ତ୍ତନର ବାର୍ତ୍ତା ଏହି ଚକ୍ର ସୂଚାଇଥାଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆର୍ଥିକ ସହାୟତାରେ ଏହି ସଂସ୍ଥା ପରିଚାଳିତ ହେଉଛି ଏକ ମହତ ଉଦ୍ଦେଶ୍ୟ ନେଇ ଜାତୀୟ ସେବା ଯୋଜନା କାର୍ଯ୍ୟ କରୁଛି ।

ସେବା ଓ ଜାତୀୟ ସେବା ଯୋଜନା –

ଜାତୀୟ ସେବା ଯୋଜନାରେ "ସେବା"ର ଅର୍ଥ ବ୍ୟାପକ ଏବଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ବର୍ତ୍ତମାନର ମନୁଷ୍ୟ ସ୍ୱାର୍ଥ ସାଧନରେ ଲିପ୍ତ । ସ୍ୱାର୍ଥ ସହିତ ମନୁଷ୍ୟ କେବେ ହେଁ ନିଃସ୍ୱାର୍ଥପର ସେବା କରିପାରେନା । ବର୍ତ୍ତମାନ ସମାଜରେ ମଣିଷର ମଣିଷ ପଣିଆଁ ଆସ୍ତେ ଆସ୍ତେ ଅପସରି ଯାଉଛି । ସ୍ୱାର୍ଥାନ୍ଧ ମଣିଷ ନିଜ ସ୍ୱାର୍ଥ ପାଇଁ ଅନେକ କୁକାର୍ଯ୍ୟ ମଧ୍ୟ କରୁଛି । ସେବା ମନୋବୃତ୍ତି ନାହିଁ କହିଲେ ଚଳେ । ସେବା ଏକ ସ୍ୱତ ପ୍ରବୃତ୍ତ ଭାବନା । ଏହାକୁ ଜୋର ଜବରଦସ୍ତି କାହାରି ଉପରେ ଲଦି ଦିଆ ଯାଇପାରେନା । ଅତ୍ୟନ୍ତ ପକ୍ଷେ ଛାତ୍ରାବସ୍ଥାରେ ଜଣେ ସ୍ୱେଚ୍ଛାସେବୀ ଜାତୀୟ ସେବା ଯୋଜନାରେ ଯୋଗ ଦେଇ ସେବା ମନୋବୃତ୍ତି ଉଦ୍ରେକ କରିପାରେ ଏବଂ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରେ ।

ଯୁବଶକ୍ତିର ବିକାଶରେ ଜାତୀୟ ସେବା ଯୋଜନା -

ମନୁଷ୍ୟର ଜୀବନ ପାଇଁ ଚାରୋଟି ସ୍ତର ଦେଇ ଗତି କରେ ଯଥା – ଶୈଶବ, ଯୌବନ, ପ୍ରୌଢ ଏବଂ ବୃଦ୍ଧ, ଏହା ମଧ୍ୟରୁ ଯୌବନ ଅବସ୍ଥା ବା ଯୁବକ ଅବସ୍ଥାର

ବୟସ ମଧ୍ୟରେ ଥିବା ମନୁଷ୍ୟକୁ ଯୁବକ ଆଖ୍ୟା ଦିଆଯାଇଥାଏ । ଭାରତରେ ମୋଟ ଜନସଂଖ୍ୟାର ୭୦ଶତକଡା ଲୋକ ଏହି ସ୍ତରରେ । ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ଏହି ବୟସର ଅନ୍ତର୍ଭୁକ୍ତ ହୋଇଥାନ୍ତି । ସେମାନଙ୍କ ଭିତରେ ଥାଏ କାମ କରିବାର ଅଦମ୍ୟ ଇଚ୍ଛା ବା ଉତ୍ସାହ । ଆଗକୁ ଆଗକୁ ମାଡିଚାଲିବାର ଆକାଂକ୍ଷା, କେବଳ ଦରକାର ସେମାନଙ୍କୁ ପ୍ରୋତ୍ସାହନ ଓ ପ୍ରେରଣା । ଦିଗଭ୍ରଷ୍ଟ ହେବାର ସମ୍ଭାବିତ ବୟସରେ ଜାତୀୟ ସେବା ଯୋଜନା ହିଁ ତାକୁ ସାହାଯ୍ୟ କରିବାର ବାଟ ଦେଖାଇଥାଏ । ତାର ଶାରୀରିକ, ମାନସିକ, ବୈଦ୍ଧିକ ବିକାଶ ଏହି ସ୍ତରରେ ହିଁ ହୋଇଥାଏ ପାଠପଢି ଡିଗ୍ରୀ ହାସଲ କଲେ ଜଣେ ଭଲ ମଣିଷଟିଏ ହୋଇ ନପାରେ । ଡିଗ୍ରୀ କେବଳ ଶିକ୍ଷାଗତ ଯୋଗ୍ୟତାରେ ମୂଲ୍ୟାୟନ କରେ । ତେଣୁ ପାଠ ପଢା ସହିତ ଜଣେ ଛାତ୍ର ଯଦି ଜାତୀୟ ସେବା ଯୋଜନାରେ ସାମିଲ ହୁଏ, ତାର ବ୍ୟକ୍ତିତ୍ୱର ବିକାଶ ଘଟିବ ହିଁ ଘଟିବ ଏଥିରେ ସନ୍ଦେହ ନାହିଁ । ଯେହେତୁ ଏନ୍.ଏସ୍.ଏସ୍.ର ଛାତ୍ରଛାତ୍ରୀମାନେ ଦଳବଦ୍ଧ କାର୍ଯ୍ୟ କରିଥାନ୍ତି, ଏଣୁ ସେମାନେ ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା, ନିସ୍ୱାର୍ଥପରତା ପ୍ରଭୃତି ସୁଗୁଣର ଅଧିକାରୀ ହୋଇପାରନ୍ତି । କେବଳ ଯୁବଶକ୍ତିର ଚେତନା ସ୍ପର୍ଶରେ ଏ ସମାଜ ହୋଇପାରିବ ସମୃଦ୍ଧ । ସମାଜ ସହିତ ଜାତି, ଦେଶର ପୁନର୍ଗଠନ କରିବା ପାଇଁ କେବଳ ଦରକାର ପ୍ରବଳ ଇଚ୍ଛା ଶକ୍ତି ଏବଂ ଅକୁଣ୍ଠିତ ଶ୍ରମଦାନ ।

ସଚେତନତା ସୃଷ୍ଟି ଓ ଜାତୀୟ ସେବା ଯୋଜନା –

